ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.197 Bhubaneswar Wednesday September 13 2023 | ୨୬ତମ ବର୍ଷ ସଂଖ୍ୟା-୧୯୭ ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୧୩, ୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

# ସୌମ୍ୟଙ୍କ ଖୋଲା ଚ୍ୟାଲେଞ୍ଜ ସତ୍ତ୍ୱେ ବିଜେଡିର ଜୁ' ପାଉନି: ଏପଟେ ଚାପ, ସେପଟେ ସଲାସୁତୁରା ପାଇଁ କସରତ୍

ଭୁବନେଶ୍ୱର,୧୨।୯(ପି.ଏନ): ବିଜେଡିର ବରିଷ୍ଠ ନେତା ତଥା ଖଣ୍ଡପଡା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଖୋଲା ଚ୍ୟାଲେଞ୍ଜ କରିବା ସତ୍ତ୍ୱେ ତାଙ୍କୁ ଦଳରୁ ବିଦା କରିବାର ସାହାସ ଜୁଟାଇ ପାରିନି ବିଜେଡି । ଦଳର ଆଗଧାଡିର ନେତାମାନଙ୍କ ମୁହଁରେ ସୌମ୍ୟଙ୍କୁ ବ୍ୟକ୍ତିଗତ ଶାଣିତ ସମାଲୋଚନା ମାଧ୍ୟମରେ ନିନ୍ଦିତ ପାଇଁ ପ୍ରୟାସ କରିଥିବା ବିଜେଡି ଆଜି ତାଙ୍କୁ ଦଳର ଉପସଭାପତି ପଦରୁ କା? ଦେଇଛି । ମାତ୍ର ଦଳର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କାର କିମ୍ବା ଦଳରୁ ନିଲମ୍ବନ କରିବା ଭଳି କଠୋର ନିଷ୍ପତ୍ତି ନେବାକୁ ସକ୍ଷମ ହୋଇପାରିନି । ନିର୍ବାଚନୀ ବର୍ଷରେ ସୌମ୍ୟଙ୍କ ଉପରେ ଚାପ ସୃଷ୍ଟି ପାଇଁ ସମସ୍ତ ପ୍ରକାରର ଉଦ୍ୟମ ଜାରି ରଖିଥିବା ବିଜେଡି ଏବେ ବ୍ୟାକଡୋରରେ ସଲାସୁତୁରା ନିମନ୍ତେ ପ୍ରୟାସ କରୁଥିବା ଜଣାପଡିଛି । ଯେଉଁଥିପାଇଁ ସୌମ୍ୟଙ୍କୁ ଦଳରୁ ବିଦା କରିବା ଭଳି ନିଷ୍ପତ୍ତି ନେବାରେ ବିଜେଡି ଟାଳଟୁଳ ନୀତି ଅବଲମ୍ବନ କରୁଥିବା ସୂଚନା ମିଳିଛି । ଏପଟେ ନବୀନଙ୍କ ଦସ୍ତଖତରେ ଜାରି ଉପସଭାପତି ପଦରୁ ବରଖାସ୍ତର ଦୁଇଧାଡିଆ ନିର୍ଦ୍ଦେଶନାମା ଅସଲି କି ନକଲି ବୋଲି କହି ଆଉ ଏକ ବିବାଦକୁ ଆମନ୍ତ୍ରଣ କରିଥିବା ସୌମ୍ୟ ପୂର୍ବରୁ ତାଙ୍କୁ କାହିଁକି ଦଳରୁ କାଢ଼ି ଦେଉନାହାନ୍ତି ବୋଲି ଖୋଲା ଚ୍ୟାଲେଞ୍ଜ କରିଥିଲେ ।ଉପସଭାପତି ପଦରୁ ହଟାଯିବାକୁ ନେଇ



ସୌମ୍ୟରଞ୍ଜନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ନବୀନ ପଟ୍ଟନାୟକଙ୍କ ଯେଉଁ ଦସ୍ତଖତରେ ତାଙ୍କୁ ଉପସଭାପତି ପଦରୁ ବରଖାସ୍ତ କରାଯାଇଛି ତାହା ଅସଲି ନା ନକଲି ବୋଲି ପ୍ରଶ୍ନ କରିଛନ୍ତି । ଦଳରେ ଅନେକଗୁଡିଏ ପଦପଦବୀରେ ନେତାମାନେ ଅଛନ୍ତି । ସେମାନେ ପ୍ରାୟତଃ କିଛି କରନ୍ତି ନାହିଁ । ଉପସଭାପତି ପଦରେ ରହି ସେ ନିଜେ କ'ଣ କରୁଥିଲେ ଯେ, ହରାଇଲି ବୋଲି ଭାବିବି । ସଭାପତି ହିସାବରେ ନବୀନବାବୁ କାହାକୁ ନିଜ ସହଯୋଗୀ କର୍ମକର୍ତ୍ତା ବାଛିବେ ତାହା ତାଙ୍କର ସମ୍ପୂର୍ଣ୍ଣ ଇଚ୍ଛାଧୀନ । ତେଣୁ ଏହି ଉପସଭାପତି ପଦଟି ତାଙ୍କ ପାଇଁ କେବଳ ଆଳଙ୍କାରିକ ଥିଲା ବୋଲି ସୌମ୍ୟ କହିଛନ୍ତି । ଏହାସହିତ ନବୀନଙ୍କୁ ଭେଟିବା ପାଇଁ ସେ ଗତ ସପ୍ତାହରେ ଚିଠି ଲେଖି ସମୟ ମାଗିଥିଲେ ଓ ଏବେ ବରଖାସ୍ତ ନିର୍ଦ୍ଦେଶନାମା ଆସିଛି । ତେଣୁ ତାଙ୍କର ସନ୍ଦେହ ରହିଛି ବୋଲି ସୌମ୍ୟ କହିବାକୁ ପଛାଇ ନାହାନ୍ତି । ୨୦୨୦ ଜୁଲାଇ ମାସରେ ବିଜେଡିର ଉପସଭାପତି ଭାବେ ନିଯୁକ୍ତି ପାଇଥିବା ସୌମ୍ୟରଞ୍ଜନଙ୍କୁ ଆଜି ଦଳର ଉପସଭାପତି ପଦରୁ ବରଖାସ୍ତ କରାଯାଇଛି । ମାତ୍ର ତାଙ୍କର ପ୍ରାଥମିକ ସଦସ୍ୟ ପଦ ସୁରକ୍ଷିତ ରହିଛି ।ଏପଟେ ସୌମ୍ୟରଞ୍ଜନଙ୍କ ଉପରେ ଚାପ ସୃଷ୍ଟି କରିବା ପାଇଁ ବିଜେଡି ପକ୍ଷରୁ ଗତ କିଛିଦିନ ଧରି ବେଶ୍ ପ୍ରୟାସ ହେଉଛି । ସୌମ୍ୟଙ୍କ ମାଲିକାନାରେ ଥିବା ରାଜ୍ୟର ଆଗଧାଡିର ଖବରକାଗଜ 'ସମ୍ବାଦ'କୁ ରାଜ୍ୟ ସରକାର ବିଜ୍ଞାପନ ବନ୍ଦ କରି ଦେଇଛନ୍ତି । ଏହାପରେ ସୌମ୍ୟଙ୍କୁ ସର୍ବସାଧାରଣରେ ନିନ୍ଦିତ କରିବା ପାଇଁ ୨ଜଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ପ୍ରତାପ ଦେବ, ସାଧାରଣ ସମ୍ପାଦକ ଅରୁଣ ସାହୁ ଓ ସାଂସଦ ଅମର ପଟ୍ଟନାୟକ,ସସ୍ମିତ ପାତ୍ରଙ୍କ ସମେତ ଦୁଇ ମୁଖପାତ୍ର ଶ୍ରୀମୟୀ ମିଶ୍ର ଓ ଲେନିନ୍ ମହାନ୍ତିଙ୍କ ମୁହଁରେ 'ବ୍ଲାକମେଲର' ଆଖ୍ୟା ଦେବାକୁ ବିଜେଡି କ୍ଷମତାକେନ୍ଦ୍ର ପଛାଇନାହାନ୍ତି । ଏହି ନେତାମାନଙ୍କ ମାଧ୍ୟମରେ ସୌମ୍ୟଙ୍କୁ ବ୍ୟକ୍ତିଗତ ସମାଲୋଚନା କରି ଚାପ ସୃଷ୍ଟି ପାଇଁ ଉଦ୍ୟମ ହେଉଥିଲେ ମଧ୍ୟ ସୌମ୍ୟ ପାଲଟା ଜବାବ ଦେବାକୁ ପଛାଇ ନାହାନ୍ତି । ସୌମ୍ୟଙ୍କ ବିଧାନସଭା କ୍ଷେତ୍ର ଖଣ୍ଡପଡାରେ ତାଙ୍କ ବିରୁଦ୍ଧରେ ମାହୋଲ ତିଆରି ପାଇଁ ଦଳ ପକ୍ଷରୁ ପ୍ରୟାସ ଚାଲିଛି । ଖଣ୍ଡପଡାର ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ପିତା ଅରୁଣ ପଟ୍ଟନାୟକଙ୍କର ଆଜି ୨୭ତମ ଶ୍ରାଦ୍ଧଦିବସ ସମାରୋହ ଖଣ୍ଡପଡାରେ ଦଳ ପକ୍ଷରୁ ପାଳିତ ହୋଇଛି । ଦଳର ଉପସଭାପତି ଦେବୀ ମିଶ୍ର ଓ ସାଂସଦ ମାନସ ମଙ୍ଗରାଜ ସେଥିରେ ଯୋଗ ଦେଇ ସୌମ୍ୟଙ୍କ ଉପରେ ଚାପ ସୃଷ୍ଟି ପାଇଁ ପ୍ରୟାସ କରିଛନ୍ତି । ସାଂସଦ ଶ୍ରୀ ମଙ୍ଗରାଜ ସେହି ଶ୍ରାଦ୍ଧଦିବସ ସମାରୋହ ମଂଚରୁ ରାଜନୀତିରେ ରହି ଗର୍ବ ଓ ଅହଙ୍କାର ଦେଖାଇଲେ ଚଳିବ ନାହିଁ ବୋଲି ପରାମର୍ଶ ଦେବା ସହ ଦଳ ଭିତରେ ରହି ଦଳ ବିରୋଧୀ କାର୍ଯ୍ୟ ଆଣି ଠିକ୍ ନୁହେଁ ବୋଲି କହିଛନ୍ତି । ଏହାସହିତ ଅନୁଭବଙ୍କୁ ପ୍ରଶଂସାରେ ପୋତି ୨୦୨୪ ସାଧାରଣ ନିର୍ବାଚନରେ ଖଣ୍ଡପଡାର ନେତୃତ୍ୱ ଅନୁଭବଙ୍କୁ ମିଳିବ ବୋଲି ପରୋକ୍ଷରେ ସଙ୍କ ?ତ ଦେଇଛନ୍ତି । ମଙ୍ଗରାଜ ଏକଦା ସୌମ୍ୟଙ୍କ ପାଖରେ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ ଓ ଏବେ ସେ ସର୍ବସାଧାରଣରେ ସୌମ୍ୟଙ୍କୁ ପରାମର୍ଶ ଦେଉଥିବା ଦେଖିବାକୁ ମିଳିଛି । ସୌମ୍ୟଙ୍କ ଉପରେ ଚାପ ସୃଷ୍ଟି ପାଇଁ ଦଳୀୟ ନେତାମାନଙ୍କ ଏଭଳି ବୟାନବାଜି ଜାରି ରହିଥିବାବେଳେ ତାଙ୍କ ସହ ମୂଲଚାଲ ନିମନ୍ତେ ବ୍ୟାକଡୋରରେ ଆଲୋଚନା ଆରମ୍ଭ ହୋଇଥିବା ସୂଚନା ମିଳିଛି । ସୌମ୍ୟ ଗତସପ୍ତାହରେ ନବୀନଙ୍କୁ ଚିଠି ଲେଖି ଭେଟିବା ପାଇଁ ସମୟ ଲୋଡିଥିବାବେଳେ ଏପର୍ଯ୍ୟନ୍ତ ଚିଠିର ଉତ୍ତର ତାଙ୍କୁ ମିଳିନି । ମାତ୍ର ବିଜେଡି ପକ୍ଷରୁ ବ୍ୟାକଡୋରରେ ମୂଲଚାଲ ପାଇଁ ପ୍ରୟାସ ଚାଲିଥିଲେ ମଧ୍ୟ ସୌମ୍ୟ ଧରାଛୁଆଁ ଦେଉନଥିବା ଜଣାପଡିଛି ।

## ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



### ୰ ଡକ୍ଟର ସୂର୍ଯ୍ୟନାରାୟଣ ପାତ୍ର

ପୂର୍ବତନ ବାଚସ୍ପତି, ମନ୍ତ୍ରୀ
ବିଧାୟକ, ଦିଗପହଣ୍ଡି

ଆବିର୍ଭାବ : ୨୪.୧୨.୧୯୪୪
ତିରୋଧାନ : ୦୨.୦୯.୨୦୨୩ଙ୍କ

ଆଜି ଏକାଦଶାହରେ ଆମେ ସମସ୍ତେ ଆପଣଙ୍କ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଈଶ୍ୱରଙ୍କୁ ଆନ୍ତରିକ ପ୍ରାର୍ଥନା କରୁଛୁ ଆପଣଙ୍କ ଆତ୍ମା ପରମ ଶାନ୍ତି ଓ ସଦ୍‌ଗତି ଲାଭ କରୁ ।

ବିପ୍ଳବ, ସୁମନ, ଆଦିତ୍ୟ, ସଂଗ୍ରାମ, ଶୁଭ୍ରା,
ସ୍ୱରାଜ, ସାଞ୍ଚ, ସ୍ୱାଧୀନା, ବେଦିକା ଏବଂ
ବନ୍ଧୁ, ଅତ୍ମିୟସ୍ୱଜନ ତଥା
ପର୍ଯ୍ୟବେକ୍ଷକ ଓ
ଦି' କଳିଙ୍ଗ କ୍ରୋନିକିଲ ପରିବାର ବର୍ଗ

## ହିମାଚଳ ପ୍ରଦେଶ ଗସ୍ତରେ ପ୍ରିୟଙ୍କା ଗାନ୍ଧୀ

ଚଣ୍ଡିଗଡ,୧୨।୯(ପି.ଏନ): ମଙ୍ଗଳବାର ସକାଳେ ଚଣ୍ଡିଗଡ ପହଂଚିଛନ୍ତି କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧି ଓ ତାଙ୍କ ସ୍ୱାମୀ ରବର୍ଟ ଭଦ୍ରା । ଚଣ୍ଡିଗଡରେ ପହଂଚିବା ପରେ ସେ ହିମାଚଳ ପ୍ରଦେଶ ଅଭିମୁଖେ ଗସ୍ତ କରିଛନ୍ତି । ହିମାଚଳ ପ୍ରଦେଶରେ ବନ୍ୟା ପ୍ରଭାବିତ ଅଂଚଳ ପରିଦର୍ଶନ କରିବେ ପ୍ରିୟଙ୍କା । ଚଣ୍ଡିଗଡରେ ପହଂଚିବା ପରେ ଏୟାରପୋର୍ଟରେ ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂହ ସୁକ୍ଖୁ ଓ କଂଗ୍ରେସ ଅଧ୍ୟକ୍ଷ ପ୍ରତିଭା ସିଂହ ତାଙ୍କର ସ୍ୱାଗତ କରିଥିଲେ ।ଏୟାରପୋର୍ଟରେ ପ୍ରିୟଙ୍କା ଯାତ୍ରୀଙ୍କ ସହ କଥାବାର୍ତ୍ତା ହେବା ସହ ସେଲଫି ନେଉଥିବାର ଦେଖିବାକୁ ମିଳିଥିଲା । ଚଣ୍ଡିଗଡ ଓ ମୋହାଲୀ ପ୍ରଶାସନକୁ ସୋମବାର ବିଳମ୍ବିତ ରାତିରେ ପ୍ରିୟଙ୍କାଙ୍କ ଆଗମନ ନେଇ ସୂଚନା ମିଳିଥିଲା

## ୫ ହଜାର ଟଙ୍କା ଲାଂଚ ନେଇ ଧରାପଡିଲେ ଏଏସଓ

ଭୁବନେଶ୍ୱର, ୧୨।୯(ପି.ଏନ): ୫ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ମଙ୍ଗଳବାର ଭିଜିଲାନ୍ସ ହାତରେ ଧରାପଡିଛନ୍ତି ଜଣେ ଆସିଷ୍ଟାଂଟ ସେକ୍ସନ୍ ଅଫିସର (ଏଏସଓ) । ଭୁବନେଶ୍ୱର ସ୍ଥିତ ଜଳ ସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ନିଯୁକ୍ତ ଏଏସଓ ସୌମ୍ୟ ରଂଜନ ଦାଶ । ହାଉସ୍ ବିଲ୍ଡିଂ ଲୋନ୍ ଲାଗି ଫାଇଲ ପ୍ରୋସେସିଂ କରିବା ପାଇଁ ଶ୍ରୀ ଦାଶ ଅଭିଯୋଗକାରୀଙ୍କ ଠାରୁ ୫ ହଜାର ଟଙ୍କା ନେଉଥିଲେ ।

# +୩ ନାମଲେଖା ପାଇଁ ବୃଦ୍ଧି ପାଇଲା ସମୟସୀମା

ଭୁବନେଶ୍ୱର,୧୨।୯(ପି.ଏନ): ରାଜ୍ୟରେ ଯୁକ୍ତ ତିନି ଦ୍ୱିତୀୟ ପର୍ଯ୍ୟାୟ ନାମଲେଖାପାଇଁ ଆବେଦନ ସମୟସୀମା ବୃଦ୍ଧି କରାଯାଇଛି । ପୂର୍ବରୁ ଆବେଦନର ଶେଷ ତାରିଖ ଚଳିତ ମାସ ୧୩ ଥିବାବେଳେ ଏବେ ଏହାକୁ ୧୬ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ସେହିପରି ଚଳିତ ମାସ ୨୬ରେ ପ୍ରଥମ ମେଧାତାଲିକା ପ୍ରକାଶ ପାଇବା ସହ ଅକ୍ଟୋବର ୬ରେ ସ୍ପଟ୍ ଆଡ୍‌ମିଶନ୍ ପାଇଁ ମେଧାତାଲିକା ପ୍ରକାଶ ପାଇବ ।ତେବେ ଦ୍ୱିତୀୟ ପର୍ଯ୍ୟାୟ ଆବେଦନ କାଳରେ, ପ୍ରଥମ ପର୍ଯ୍ୟାୟରେ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନେ ପୁନଃ ଆବେଦନ କରିପାରିବେ । ଦ୍ୱିତୀୟ ପର୍ଯ୍ୟାୟ ସ୍ନାତକୋତ୍ତର ନାମଲେଖାପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏଥିଲାଗି ଅନ୍‌ଲାଇନ୍ ମାଧ୍ୟମରେ ଚଳିତ ମାସ



୧୩ରୁ ୨୨ ତାରିଖ ମଧ୍ୟରେ ଆବେଦନ କରିପାରିବେ ।ଏହି ପର୍ଯ୍ୟାୟରେ ଚଳିତ ମାସ ୨୮ରେ ପ୍ରଥମ ମେଧା ତାଲିକା ପ୍ରକାଶ ପାଇବ ବୋଲି ଜଣାପଡିଛି । ଅନ୍ୟପକ୍ଷରେ ଯୁକ୍ତ ଦୁଇ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଲାଗି ଚଳିତ ମାସ ୧୫ରେ ସ୍ପଟ୍? ନାମଲେଖା ତାଲିକା ପ୍ରକାଶ ପାଇବ ।

## ଅବ୍ୟବସ୍ଥା ମଧ୍ୟରେ ଚାଲିଛି ସ୍କୁଲ, ବିଇଓଙ୍କ ଗାଡି ଭଙ୍ଗାରୁଜା କଲେ ଛାତ୍ରୀ

ଭୁବନେଶ୍ୱର,୧୨।୯(ପି.ଏନ): ବ୍ଲକ୍ ଶିକ୍ଷାଧିକାରୀ (ବିଇଓ)ଙ୍କ ଗାଡିକୁ ଘେରିଗଲେ ଛାତ୍ରୀ । ଗାଡିକୁ ଲକ୍ଷ୍ୟ କରି ମାରିଲେ ପଥର । ଇଟାରେ ଗାଡିର ଝରକା ଓ ସାମ୍ନା କାଚକୁ ଛେଚିଲେ । ସେମାନଙ୍କ ଆକ୍ରୋଶରୁ ପୁଲିସ କର୍ମଚାରୀ ମଧ୍ୟ ବର୍ତ୍ତି ନଥିଲେ । ଏମିତି ଏକ ଘଟଣା ଘଟିଛି ବିହାରର ବୈଶାଳୀ ଜିଲ୍ଲାର ମହନାରରେ । ଏଠାରେ ଥିବା ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଆଜି ବିକ୍ଷୋଭ ପ୍ରଦର୍ଶନ କରୁଥିଲେ । ସ୍କୁଲଟି ଅବ୍ୟବସ୍ଥା ମଧ୍ୟରେ ଚାଲିଥିବା ଅଭିଯୋଗ କରି ସେମାନେ ବିକ୍ଷୋଭ କରୁଥିଲେ । ଏମିତିକି ସ୍କୁଲରେ



ଆବଶ୍ୟକ ସଂଖ୍ୟକ ବେଞ୍ଚ ଓ ଟେବୁଲ ନ ଥିବା ସେମାନେ ଅଭିଯୋଗ କରିଥିଲେ ।ଛାତ୍ରୀମାନଙ୍କୁ ବୁଝାଇବା ପାଇଁ ପହଞ୍ଚିଥିଲେ ମହନାର ବ୍ଲକ୍ ଶିକ୍ଷାଧିକାରୀ (ବିଇଓ) । ତେବେ ଉତ୍ୟକ୍ତ ଛାତ୍ରୀମାନେ ତାଙ୍କ ଗାଡିକୁ ଭଙ୍ଗାରୁଜା କରିଥିଲେ । ଏହି ଘଟଣା ଯୋଗୁ କିଛି ସମୟ ଧରି ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡି ଅଟକି ରହିଥିଲା ଓ ଟ୍ରାଫିକ ସମସ୍ୟା ଉପୁଜି ଥିଲା ।

## କେନ୍ଦ୍ରମନ୍ତ୍ରୀଙ୍କୁ ଦଳୀୟ ଅଫିସରେ ତାଲା ଠୁଙ୍କି ଦେଲେ ବିଜେପି କର୍ମୀ

ଭୁବନେଶ୍ୱର,୧୨।୯(ପି.ଏନ): ପଶ୍ଚିମବଙ୍ଗ ବିଜେପିରେ ଚାଲିଥିବା ଗୋଷ୍ଠୀ କନ୍ଦଳ ଏବେ ଦାଣ୍ଡରେ ପଡି ହାଟରେ ଗଡିଛି । ବିଜେପି କର୍ମୀମାନେ ଆଜି କେନ୍ଦ୍ରମନ୍ତ୍ରୀ ସୁଭାଷ ସରକାରଙ୍କ ଉପରେ ନିଜର ଅସନ୍ତୋଷ ଝାଡିଛନ୍ତି । ଆଜି ସେ ବେଙ୍ଗଲର ବାଙ୍କୁରା ଠାରେ ଥିବା ଦଳୀୟ କାର୍ଯ୍ୟାଳୟରେ ମିଟିଂ କରୁଥିଲେ ।ଏହି ସମୟରେ ତାଙ୍କୁ ବିରୋଧ କରିଛନ୍ତି ଶତାଧିକ କର୍ମୀ । ଏପରି କି କେନ୍ଦ୍ରମନ୍ତ୍ରୀଙ୍କୁ ଅଫିସ ଭିତରେ ପୂରାଇ ବାହାରୁ ତାଲା ମଧ୍ୟ ପକାଇ ଦେଇଛନ୍ତି ।

## ଆରମ୍ଭ ହେଲା ଷ୍ଟାଫ ସିଲେକ୍ସନ ବୋର୍ଡ ପକ୍ଷରୁ ଆବେଦନ ପ୍ରକ୍ରିୟା: ନିଯୁକ୍ତ ହେବେ ୧୦୬୫ ଅଧ୍ୟାପକ

ଭୁବନେଶ୍ୱର,୧୨।୯(ପି.ଏନ): ରାଜ୍ୟରେ ବେସରକାରୀ ଅନୁପ୍ରାପ୍ତ କଲେଜରେ ୧୦୬୫ ଅଧ୍ୟାପକ ନିଯୁକ୍ତ ହେବେ । ତେବେ ଏଥିପାଇଁ ଆବେଦନ ପ୍ରକ୍ରିୟା ସୋମବାର ଠାରୁ ଆରମ୍ଭ ହୋଇଛି । ଏହି ଆବେଦନ ପ୍ରକ୍ରିୟା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ । ଆବେଦନ କରିବା ଲାଗି ଇଚ୍ଛୁକ ପ୍ରାର୍ଥୀମାନେ ଷ୍ଟାଫ୍ ସିଲେକ୍ସନ ବୋର୍ଡର ୱେବସାଇଟ WWW.ssbodisha.ac.in କୁ ଯାଇ ଅବେଦନ କରିପାରିବେ । ସମସ୍ତ ସୂଚନା ଏହି ୱେବସାଇଟରେ ରହିଛି ।ଓଆରଏସପି ନିୟମ ୨୦୧୭ ଅନୁଯାୟୀ, ପେ ମାଟ୍ରିକ୍ସ ଲେଭେଲ୍-୧୦ ଅନୁଯାୟୀ ଦରମା ପ୍ରଦାନ କରାଯିବ । ସ୍କ ?ଲ ପେ ୪୪୦୦୦ରୁ ୧୪୨୪୦୦ ପର୍ଯ୍ୟନ୍ତ ରହିଛି । ଏଥିସହ ଡିଏ ମଧ୍ୟ ରହିଛି । ୨୮ ବିଭାଗରେ ନିଯୁକ୍ତି ଦିଆଯିବ । ଏଥିରେ ଅବେଦନ କରିବା ଲାଗି ୨୧ରୁ ୪୨ ବର୍ଷ ବୟସ ସୀମା ରହିଛି । ଏସସି ଓ ଏସଟି, ଏସଇବିସି ମହିଳା ଓ ଏକ୍ସ ସର୍ଭିସ ମ୍ୟାନର ବର୍ଗର ପ୍ରାର୍ଥୀଙ୍କୁ ୫ ବର୍ଷ ଛାଡ କରାଯିବ । ଶାରିରୀକ ଭିନ୍ନକ୍ଷମ ପ୍ରାର୍ଥୀଙ୍କ କ୍ଷେତ୍ରରେ ୧୦ ବର୍ଷ ଛାଡ କରାଯାଇଛି ।ଶିକ୍ଷାଗତ ଯୋଗ୍ୟତାରେ ସାଧାରଣ ବର୍ଗର ପ୍ରାର୍ଥୀ ସ୍ନାତକୋତ୍ତରରେ ସର୍ବନିମ୍ନ ୫୫ ପ୍ରତିଶତ ମାର୍କ ରଖିଥିବା ଆବଶ୍ୟକ । ଅନ୍ୟବର୍ଗ ପାଇଁ ୫୦ ପ୍ରତିଶତ ମାର୍କ ରଖାଯାଇଛି । ସିଲେକ୍ସନ ପ୍ରକ୍ରିୟା ୨ ପର୍ଯ୍ୟାୟରେ କରାଯିବ । ଯେଉଁଥିରେ ୨୫ ମାର୍କରେ କ୍ୟାରିୟର ମାର୍କ ରହିଛି । ଏଥିରେ ୧୫୦ ମାର୍କର ଲିଖିତ ପରୀକ୍ଷା କରାଯିବ ଏବଂ ୨୫ ମାର୍କର ମୌଖିକ ପରୀକ୍ଷା ରହିଛି । ସାଧାରଣ ବର୍ଗ ପାଇଁ ଆବେଦନ କରିବା ଫି ୫୦୦ ଟଙ୍କା ରହିଥିବା ବେଳେ ଏସଇବିସି ପ୍ରାର୍ଥୀଙ୍କ ପାଇଁ ୨୦୦ ଟଙ୍କା ରହିଛି । ଏସସି, ଏସଟି ଓ ଶାରିରୀକ ଭିନ୍ନକ୍ଷମ ପ୍ରାର୍ଥୀମାନେ ମାଗଣାରେ ଆବେଦନ କରିପାରିବେ ।

## ସଂସଦର ନୂଆ ୟୁନିଫର୍ମରେ ପଦ୍ମ ଫୁଲ, ବର୍ଷିଲେ ବିରୋଧୀ

ଭୁବନେଶ୍ୱର,୧୨।୯(ପି.ଏନ):ସଂସଦର କର୍ମଚାରୀମାନଙ୍କ ପାଇଁ ତିଆରି ହୋଇଥିବା ନୂଆ ୟୁନିଫର୍ମକୁ ନେଇ ବିବାଦ ଦେଖାଯାଇଛି । ୟୁନିଫର୍ମରେ ବିଜେପିର ଦଳୀୟ ଚିହ୍ନ ପଦ୍ମ ଫୁଲ ଖୋଦେଇ ହୋଇଥିବା ଅଭିଯୋଗ କରି ବିରୋଧୀ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି ।କଂଗ୍ରେସ ସାଂସଦ ମଣିକମ ଟାଗୋର ନିଜ ସୋଶାଲ ମିଡିଆ ଆକାଉଣ୍ଟ ଏକ୍ସ(ପୂର୍ବରୁ ଟ୍ୱିଟର)ରେ କହିଛନ୍ତି ଯେ "ସଂସଦ କର୍ମଚାରୀଙ୍କ ପୋଷାକରେ ସରକାର କାହିଁକି ବାଘ ଚିହ୍ନ ରଖିଲେ ନାହିଁ? କାରଣ ବାଘ ଜାତୀୟ ପଶୁ । କାହିଁକି ସେମାନେ ମୟୂରକୁ ସ୍ଥାନ ଦେଲେ ନାହିଁ?

# ଦୁର୍ନୀତିର ଗନ୍ତାଘର ସାଜିଛି ବିଏସ୍‌କେୱାଇ ; ବିଜେପି

ଭୁବନେଶ୍ୱର, ୧୨।୯(ପି.ଏନ): ଓଡିଶାରେ ସ୍ୱାସ୍ଥ୍ୟ ବିଭାଗର ବିକଳ ଚିତ୍ର ସ୍ପଷ୍ଟ ବାରି ହୋଇପଡୁଥିଲା ବେଳେ ରାଜ୍ୟ ସରକାର ମିଛ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ନେଇ ଆତ୍ମବିଭୋର ହେଉଛନ୍ତି । ଓଡିଶାର ଗରୀବ ସାଧାରଣ ଲୋକଙ୍କ ସ୍ୱାର୍ଥ ଅପେକ୍ଷା ନିଜକୁ ବିଜ୍ଞପିତ କରିବା ବିଜେଡି ସରକାରଙ୍କ ପାଇଁ ପ୍ରାଥମିକତା ହେଉଛି । କିନ୍ତୁ, ଅନେକ ସମୟରେ ପ୍ରସୂତି ମହିଳା ରାସ୍ତାଘାଟ, ଅଟୋ, ଖଟ, ଭାରରେ ବୁହାହେବା ଓ ପ୍ରସବ କରିବା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି ବୋଲି ରାଜ୍ୟ ବିଜେପି ମୁଖପାତ୍ର ଶ୍ରୀମତୀ ସୋନାଲୀ ସାହୁ କହିଛନ୍ତି ।ଶ୍ରୀମତୀ ସାହୁ କହିଛନ୍ତି ଯେ, ଗତ ୨୦୧୮ ମସିହା ଅଗଷ୍ଟ ମାସରେ ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆରମ୍ଭ କରି ପରେ ପରବର୍ତ୍ତୀ ସମୟରେ ବିଜୁ ସ୍ମାର୍ଟ କାର୍ଡ ବାଂଟିଥିଲେ । ଏଥିରେ ରାଜ୍ୟର ୭୦ଲକ୍ଷ ପରିବାର ଅର୍ଥାତ୍ ୩କୋଟି ୫୦ଲକ୍ଷ ଲୋକ ଉପକୃତ ହେବେ ବୋଲି ସରକାର ଯୁକ୍ତି ବାଢିଥିଲେ । କିନ୍ତୁ ଯୋଜନାର ୫ବର୍ଷ ପରେ ଏପର୍ଯ୍ୟନ୍ତ ୬୦ଲକ୍ଷ ପରିବାର ଏ ଯୋଜନାରେ ଉପକୃତ ହେଉଛନ୍ତି ଓ ରାଜ୍ୟ ସରକାର ମାସକୁ ୨୦୦କୋଟି ଟଙ୍କା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଖର୍ଚ୍ଚ କରୁଛନ୍ତି ବୋଲି ଯାହା ପ୍ରଚାର କରୁଛନ୍ତି ତାହା ତାହା ମିଛ । ଏହି ଯୋଜନା କାର୍ଯ୍ୟକାରୀ ହେବା ପୂର୍ବରୁ ୨୮ଲକ୍ଷ ଓଡିଶାବାସୀ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଉପକୃତ ହେଉଥିଲେ । ରାଜ୍ୟ ସରକାର କେତେ ରୋଗୀ, କେଉଁ କେଉଁ ବେସରକାରୀ ହସ୍ପିଟାଲରେ ଚିକିତ୍ସିତ ହୋଇଛନ୍ତି ଓ ଏହା ବାବଦରେ କେଉଁ କେଉଁ ବେସରକାରୀ ହସ୍ପିଟାଲକୁ କେତେ ଟଙ୍କା ଦିଆଯାଇଛି ଜିଲ୍ଲା ୱାରୀ ତଥ୍ୟ ପ୍ରଦାନ କରନ୍ତୁ । ରାଜ୍ୟ ସରକାର ୨୦୧୮ ମସିହାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୨୦୮ଟି ବେସରକାରୀ ହସ୍ପିଟାଲରେ ମାଗଣା ଚିକିତ୍ସା ଯୋଗାଇ ଦିଆଯିବ ବୋଲି ଘୋଷଣା କରିଥିଲେ । କିନ୍ତୁ ବିଧାନସଭା ତଥ୍ୟ ଅନୁଯାୟୀ ୧୮୩ଟି ବେସରକାରୀ ହସ୍ପିଟାଲରେ ଚିକିତ୍ସା ଉପଲବ୍ଧ ହେଉଛି । ରାଜ୍ୟ ଗ୍ରାମାଂଚଳର ପ୍ରାୟ ୩୩.୪୫ପ୍ରତିଶତ, ପ୍ରାୟ ୨୫ଲକ୍ଷ ଓଡିଆ ଲୋକ ବାହାରକୁ ଯାଇ କାମଧନ୍ଦା କରୁଛନ୍ତି । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ କେବଳ ରାଜ୍ୟ ଭିତରେ ବାସ କରୁଥିବା ଓଡିଆ ମାନେ ଉପକୃତ ହେଉଥିବା ବେଳେ ରାଜ୍ୟ ବାହାରେ ସେମାନଙ୍କୁ କୌଣସି ମାଗଣା ଚିକିତ୍ସା ସୁବିଧା ମିଳୁନାହିଁ ବୋଲି ଶ୍ରୀମତୀ ସାହୁ କହିଛନ୍ତି ।ସାଧାରଣ ଗରିବ ଲୋକଙ୍କୁ ଉତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ କେନ୍ଦ୍ର ସରକାର ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିଛନ୍ତି । କିନ୍ତୁ ରାଜ୍ୟ ସରକାରଙ୍କ ଆତ୍ମବଡିମା, ଆତ୍ମପ୍ରଚାର, ଅହଂକାର ଓ ହୀନ ରାଜନୀତି ପାଇଁ ଓଡିଶାରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରୁନାହାଁନ୍ତି । ଯାହାଫଳରେ ଓଡିଶାର ଜନସାଧାରଣ ଆୟୁଷ୍ମାନ ଭାରତ ଯୋଜନାରୁ ବଂଚିତ ହେବା ସହିତ ଓଡିଶା ବାହାରେ କାମ କରୁଥିବା ପ୍ରାୟ ୨୫ଲକ୍ଷ ଓଡିଆ ଏହି ଯୋଜନାର ସୁଫଳ ପାଇପାରୁନାହାଁନ୍ତି । ଆୟୁଷ୍ମାନ ଭାରତ ଯୋଜନା ଲାଗୁ ନକରିବା ଦ୍ୱାରା ଓଡିଶା ଭଳି ଏକ ଗରୀବ ରାଜ୍ୟ ମାସକୁ ପ୍ରାୟ ୫୦କୋଟି, ବର୍ଷକୁ ପ୍ରାୟ ୬୦୦କୋଟି ହରାଇବା ବିଡମ୍ବନାର ବିଷୟ । ତେଣୁ ରାଜ୍ୟ ସରକାର ଗରୀବ ଓଡିଆଙ୍କ ସ୍ୱାର୍ଥ ପାଇଁ ଆୟୁଷ୍ମାନ ଯୋଜନାକୁ ତୁରନ୍ତ ଲାଗୁ କରିବା ସହିତ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଶ୍ୱେତପତ୍ର ଜାରି କରନ୍ତୁ ବୋଲି ଶ୍ରୀମତୀ ସାହୁ ଦାବୀ କରିଛନ୍ତି ।

## ଝିଅ ବଞ୍ଚି ଥାଉ ଥାଉ ଶୁଦ୍ଧି ହୋଇଗଲେ ପରିବାର ଲୋକେ

ଭୁବନେଶ୍ୱର,୧୨।୯(ପି.ଏନ): ଝିଅ ବଞ୍ଚି ଥାଉ ଥାଉ ଶୁଦ୍ଧି ହୋଇଗଲେ ପରିବାର ଲୋକେ । ଏପରିକି ଝିଅର ଆତ୍ମାର ସଦ୍ ?ଗତି ପାଇଁ ଫଟୋରେ ଫୁଲମାଳ ପକାଇ ପ୍ରାର୍ଥନା କରିଛନ୍ତି । କଥାଟି ଟିକେ ଅଡୁଆ ଲାଗୁଥିଲେ ମଧ୍ୟ ସତ୍ୟ । ଏପରି ଘଟଣା ଗଜପତି ଜିଲ୍ଲା ମୋହନା ଅଞ୍ଚଳରେ ଘଟିଛି । ତେବେ ଏଠି ପ୍ରଶ୍ନ ଉଠୁଛି ଝିଅ ବଞ୍ଚି ଥାଉଁ ଥାଉଁ କାହିଁକି ପରିବାର ଲୋକେ ଶୁଦ୍ଧିକ୍ରିୟା ହୋଇଗଲେ ?ପୂରା ଘଟଣା ଏମିତି । ଚାନ୍ଦିପୁଟ ଗାଁର ସହଦେବ ସାହୁ ଘର ପାଖରେ ଗୋଟିଏ ହୋଟେଲ୍ ? କରିଛନ୍ତି । ସେଥିରୁ ଯାହା ରୋଜଗାର କରୁଥିଲେ,



ସେଥିରେ ଚଳୁଥିଲା ପୂରା ପରିବାର । ସହଦେବଙ୍କ ପରିବାର କହିଲେ ୩ ଝିଅ ଓ ଗୋଟେ ପୁଅ । ବଡ ଝିଅ ବାହା ହୋଇଥିବା ବେଳେ ମଝିଆ ଝିଅ ଚାନ୍ଦିନୀ ସାହୁ +୨ ପାସ୍ କରି ଗତ ଦୁଇ ବର୍ଷ ହେଲା ଘରେ ରହିଥିଲେ । ଏହାରି ଭିତରେ ଚାନ୍ଦିନୀ ଜଣେ ପୁଅକୁ ଭଲ ପାଉଥିଲେ । ହେଲେ ପରିବାର ଲୋକେ ଏନେଇ ଟେର୍ ପାଇନଥିଲେ ।








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ



ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜତ୍ୱ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୂପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତ୍ରୁଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ ଭଗବାନ ବିଷ୍ଣୁ ଇଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବଣକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଗରିବରୁ ହେଲେ ଧନୀ



ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଷ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଷ୍ୟଟକଙ୍କ ଭିଡ। ଏହି ଉଦେଷ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯ୍ୟଷ୍ୟରେ ସାହାଯଷ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ। ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଷ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଷ୍ୟତୀତ ଅନଷ୍ୟ ରାଜଷ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଷ୍ୟାରେ ପର୍ଯଷ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯଷ୍ୟଟକଙ୍କ ବର୍ଦ୍ଧିତ ସଂଖଷ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଷ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଷ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଷ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଷ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଷ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଷ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଷ୍ୟଟକଙ୍କ ଭିଡକୁ ଲକ୍ଷଷ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଷ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଷ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଷ୍ୟତି ହେବି ନାହିଁ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଷ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର



ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟଷ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଷ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର ନିର୍ମାଣ କାର୍ଯଷ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଷ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଷ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଷ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍କୁ ପ୍ରଥମେ ଜର୍ମାନଠାରେ ସ୍ଟୁଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୩, ସେପ୍ଟେମ୍ବର ୧୩**

# ଯଶକୀର୍ତ୍ତିଧାରୀ ଧନ୍ୱନ୍ତରୀ : ସ୍ୱର୍ଗତଃ ଡାକ୍ତର ରାଜକିଶୋର ଦାସ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଜୀବନରେ ଆଦର୍ଶ ଓ ମୂଲ୍ୟବୋଧକୁ ପ୍ରତିଟି କ୍ଷଣରେ ଅନୁଭବ କରି ଯଶ, ପ୍ରତିଷ୍ଠା, ଉଦଯୋଗକୁ ନିଜ ଜୀବନରେ ବଡ଼ ମନେନକରି ଚିକିତ୍ସା ସେବାକୁ କେବଳ ଏକ ବୃତ୍ତି ନୁହେଁ ବ୍ରତ ଭାବେ ଗ୍ରହଣ କରି ଉତ୍ସର୍ଗୀକୃତ ସେବା ପରାୟଣ ମନୋସମ୍ପନ୍ନ ସୁଶ୍ରୁତ ପ୍ରଫେସର ଡାକ୍ତର ରାଜକିଶୋର ଦାସ ଥିଲେ ଅନ୍ୟତମ। ତାଙ୍କୁ ମୁଁ ଗୁରୁ ରୂପେ ପାଇ ଅତ୍ୟନ୍ତ ନିଜକୁ ଭାଗ୍ୟବାନ ମନେକରେ। କଟକ ଜିଲ୍ଲାର ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ଗ୍ରାମରେ ୧୯୩୬ ମସିହାରେ ଡାକ୍ତର ଦାସ ଜନ୍ମ ଗ୍ରହଣ କରିଥିଲେ। ସେ ଗାଁ ବିଦ୍ୟାଳୟରେ ପାଠପଢ଼ା ଆରମ୍ଭ କରିଥିବାବେଳେ ତାଙ୍କ ବାପା ବାଳମୁକୁନ୍ଦ ଦାସ ସବରେଜିଷ୍ଟର ଭାବେ କାର୍ଯ୍ୟ କରୁଥିଲେ। ବାପା ବାଳମୁକୁନ୍ଦ ଦାସ ସବ ରେଜିଷ୍ଟ୍ରାର ଭାବେ କାର୍ଯ୍ୟ କରୁଥିବାରୁ ସେ ପିଲା ଦିନେ ବିଭିନ୍ନ ଜିଲ୍ଲାରେ ପାଠ ପଢ଼ିଥିଲେ। ସେ ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିବାବେଳେ ମା'ହେମ ମଞ୍ଜରୀଙ୍କ ଏସସିବିରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ସେ ଅଷ୍ଟମ ଶ୍ରେଣୀରେ ପଢୁଥିବାବେଳେ ମା ହେମମଞ୍ଜରୀଙ୍କ ଏସସିବିରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ମାଆଙ୍କ ସ୍ୱପ୍ନକୁ ପୂରଣ କରିବାକୁ ସେ ଡାକ୍ତରୀ ପାଠ ପଢ଼ିବା ସହ ଜଣେ ସଫଳ ଡାକ୍ତର ହୋଇପାରିଥିଲେ। ସେ ସମୟରେ ଚିକିତ୍ସା ବିଜ୍ଞାନ ଏତେ ଉନ୍ନତମାନର ଓ ଗମନାଗମନ ସୁଯୋଗ ମଧ୍ୟ ନଥିଲା। ମାଆଙ୍କ ସ୍ୱପ୍ନକୁ ପୂରଣ କରିବାକୁ ସେ ଡାକ୍ତରୀ ପାଠ ପଢ଼ିବା ସହ ଜଣେ ସଫଳ ଡାକ୍ତର ହୋଇପାରିଥିଲେ। ଅନେକ ସମୟରେ ସେ କଥା ପ୍ରସଙ୍ଗରେ ଏହି କଥାକୁ ବେଶ ହୃଦୟସ୍ପର୍ଶୀ ଭାବେ ଆଲୋଚନା କରି ଭାବଗମ୍ଭୀର ହୋଇଯାଉଥିଲେ ଓ ନିଜ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଗ୍ରାମରେ ସ୍ୱାସ୍ଥ୍ୟ ସେବାକୁ ନିଶ୍ଚିନ୍ତ ଆଗେଇ ନେବା ପାଇଁ ପରାମର୍ଶ ଦେଇ ଜନ୍ମମାଟିର ସେବାକୁ ନ ଭୁଲିବା ପାଇଁ ଉପଦେଶ ଦେଉଥିଲେ। ସେ ପରବର୍ତ୍ତୀ ସମୟରେ କଟକର ରେଭେନ୍ସା କଲିଜିଏଟ ସ୍କୁଲରେ ପାଠପଢ଼ି ୧୯୫୧ରେ ମାଟ୍ରିକ ପାସ କରିଥିଲେ। ଏସସିବି ମେଡ଼ିସିନ (ଭେଷଜ) ବିଭାଗରୁ ୧୯୬୨ରେ ପିଜି ଶେଷ କରି ଡାକ୍ତରୀ ବୃତ୍ତି ଆରମ୍ଭ କରିଥିଲେ। ସେ ୧୯୮୯-୯୦ ମସିହାରେ ଏସସିବି ଭେଷଜ ବିଭାଗର ବିଭାଗୀୟ ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଚିକିତ୍ସା କ୍ଷେତ୍ରରେ ସେ ରାଜ୍ୟ ସମେତ ସମଗ୍ର ଦେଶରେ ସୁନାମ ଅର୍ଜନ କରିଛନ୍ତି। ସ୍ୱାଭିମାନ ସହ ସାର କେବେ ସାଲିସ କରୁନଥିଲେ। ଏସସିବି ମେଡ଼ିସିନ ବିଭାଗ ମୁଖ୍ୟ ଦାୟିତ୍ୱରେ ଥିବା ସମୟରେ ସେ ଚାକିରିରୁ ଅବ୍ୟାହତି ନେଇଥିଲେ। ୧୯୯୧ରେ ସେ ସରକାରୀ ଚାକିରି ଛାଡ଼ିଥିଲେ ମଧ୍ୟ ରୋଗୀ ସେବାରେ ନିଜକୁ ନିୟୋଜିତ ରଖିଥିଲେ। ଦୀର୍ଘ ୬୭ ବର୍ଷ ସେ ରୋଗୀ ସେବାରେ ନିୟୋଜିତ ଥିଲେ। ଏପରିକି ଅଗଷ୍ଟ ୧୬ ତାରିଖରେ ଅସୁସ୍ଥ ହେବା ପର୍ଯ୍ୟନ୍ତ ସେ ଚିକିତ୍ସା ସେବା ଜାରି ରଖିଥିଲେ। ଏହା ତାଙ୍କ କର୍ତ୍ତବ୍ୟନିଷ୍ଠା ଓ ଅସହାୟ ରୋଗୀ ମାନଙ୍କ ପାଇଁ ଶ୍ରଦ୍ଧାର ଅନ୍ୟତମ ଉଦାହରଣ କହିଲେ ଅତ୍ୟୁକ୍ତି ହେବନାହିଁ। ସେ କେବଳ ଜଣେ ସଫଳ ଭେଷଜ ବିଶେଷଜ୍ଞ ନଥିଲେ, ସେ ଜଣେ ଭଲ ଫୁଟବଲ ଓ ଟେନିସ ଖେଳାଳୀ ଭାବେ ମଧ୍ୟ ପରିଚିତ ଥିଲେ। ରେଭେନ୍ସା କଲେଜରେ ପାଠ ପଢୁଥିବା ସମୟରେ ଫୁଟବଲ ଟିମର ଅନେକ ଥର ନେତୃତ୍ୱ ନେଇଥିଲେ। ୧୯୮୧ରେ ଟେନିସ ଡବଲ୍ସରେ ଚାମ୍ପିଅନ ବି ହୋଇଥିଲେ। ଏସସିବି ମେଡ଼ିକାଲ କଲେଜରେ ପଢ଼ିବା ସମୟରେ ପାଠପଢ଼ା ସହ ଖେଳକୁଦ ଓ ସାମଗ୍ରିକ ପ୍ରତିଭା ପାଇଁ ତାଙ୍କୁ ଅଲରାଉଣ୍ଡର ଟ୍ରଫି ପ୍ରଦାନ କରାଯାଇଥିଲା। ସେ ଏସସିବି ମେଡ଼ିସିନ ବିଭାଗର ମୁଖ୍ୟ ରହିବା ସହ ଭୀମସାର, ଏମକେସିଜି ମେଡ଼ିକାଲ କଲେଜରେ ମଧ୍ୟ କାର୍ଯ୍ୟ କରିଥିଲେ।

ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତିକ ସ୍ୱାସ୍ଥ୍ୟ ସେମିନାରରେ ତାଙ୍କ ଦିଖ୍ୟାନ୍ତ ସନ୍ଦର୍ଭ ଗବେଷକମାନଙ୍କ ପାଇଁ ତାଙ୍କ ପାଠ୍ୟକ୍ରମର ଅମୂଲ୍ୟ ଦସ୍ତାବିଜ ଥିଲା। ପ୍ରକାଶ ଥାଉକି, ସ୍ୱର୍ଗତଃ ରାଜକିଶୋରଙ୍କ ଝିଅ ଲୋପାମୁଦ୍ରା ଓ ଜାମାତା ହେଉଛନ୍ତି ଶକ୍ତିକାନ୍ତ ଦାସ। ଶକ୍ତିକାନ୍ତ ଏବେ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆର ଗଭର୍ଣ୍ଣର ଅଛନ୍ତି। ସାର ଜଣେ ଏପରି ଅମୃତହସ୍ତା ଥିଲେ ଯେ ଘରୋଇ ଭାବେ ଚିକିତ୍ସା ସେବା କରୁଥିବା ସମୟରେ ସମାନୁବର୍ତ୍ତିତା ଓ ରୋଗୀକୁ ତନ୍ନ ତନ୍ନ କରି ଦେଖିବାର ଗୁଣ କ୍ୱଚିତ ଅନ୍ୟମାନଙ୍କ ଠାରେ ମିଳେ। ତାଙ୍କ ଚିକିତ୍ସାର ହାତସ୍ପର୍ଶ ଟିକିଏ ପାଇବା ପାଇଁ ଦୂର ଦୂରାନ୍ତରୁ ରୋଗୀ ପୂର୍ବଦିନରୁ ଆସି ଅପେକ୍ଷା କରିଥାନ୍ତି। ବନ୍ଧୁବତ୍ସଳ ଓ ତାଙ୍କ ସମସାମୟିକ ବ୍ୟାଚମେଟ୍, ବନ୍ଧୁମାନଙ୍କ ସହ ସେ ନିରନ୍ତର ସମ୍ପର୍କ ରକ୍ଷା କରୁଥିଲେ। ପ୍ରତ୍ୟକ୍ଷ ଭାବେ ନହେଲେ ବି ପରୋକ୍ଷ ଭାବେ ସେ ଅନେକ ଅନୁଷ୍ଠାନ ସହ ଜଡ଼ିତ ଥାଇ ସେମାନଙ୍କୁ ସହାୟତା ଓ ଦିଗଦର୍ଶନ ପ୍ରଦାନ କରୁଥିଲେ। ନିଜ ଚିକିତ୍ସା ଜ୍ଞାନକୁ କେବଳ ଅର୍ଥ ଉପାର୍ଜନର ମାଧ୍ୟମ ଭାବରେ ଗ୍ରହଣ ନକରି ଏହାକୁ ନରନାରାୟଣଙ୍କ ସେବା ଭାବରେ ଯେଉଁଭଳି ନେଇଛନ୍ତି ତାହା ଆଜିର ଆମପରି ଚିକିତ୍ସକ ମାନଙ୍କ ପାଇଁ ଏକ ବଡ଼ ଉଦାହରଣ। ଜଣେ ଅନୁଭବୀ ବ୍ୟକ୍ତିତ୍ୱ ଚିକିତ୍ସକ ଭାବରେ କଥା ପ୍ରସଙ୍ଗରେ ତାଙ୍କ ଠାରୁ ଆଲୋଚନାରେ ଭେଷଜ ଚିକିତ୍ସା ବିଜ୍ଞାନ ସହିତ ଅନ୍ୟାନ୍ୟ ବିଭାଗର ବିଜ୍ଞାନ ଉପରେ ତାଙ୍କର ଗଭୀର ପ୍ରଭାବ ଓ ବ୍ୟାପ୍ତି ରହିଥିଲା। ପ୍ରଫେସର ଦାସଙ୍କ ଦେହାନ୍ତ ସହ ରାଜ୍ୟରେ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଏକ ଯୁଗର ଅବସାନ ଘଟିଥିବା କୁହାଯାଉଛି। ତାଙ୍କ ସେବା ମନୋଭାବ, ସମାନୁବର୍ତ୍ତିତା, ସ୍ୱଷ୍ଟବାଦୀତା, ବନ୍ଧୁବତ୍ସଳତା, ପରୋପକାରତା ଓ ସମଗ୍ର ଜୀବନ ସାଧନା ପାଇଁ ନିଷ୍ଠା ସଦା ସମର୍ପିତ। ଜୀବନର ଆଦର୍ଶ, ତ୍ୟାଗ, ସାଧନା ଓ ସର୍ବୋପରି ନିଃସହାୟ ରୋଗୀ ପ୍ରତି ସମର୍ପିତ ଶ୍ରଦ୍ଧା ତାଙ୍କୁ ଚିରଦିନ ଆମ ଜନମାନସରେ ସ୍ମରଣୀୟ କରି ରଖିଥିବ।

*ପ୍ରଫେସର, ହେପାଟୋଲୋଜି ବିଭାଗ,*
*ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*

# ଶୂନ୍ୟ ମନ୍ଦିରରେ ଶୂନ୍ୟ ଦିଅଁ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଅତଏବ କଳ୍ପନା କଲେ ଏମିତି ମନ୍ଦିର ଏମିତି ଦିଅଁଙ୍କ ଠିକଣା କେବେ ମିଳିବ ନାହିଁ ମାତ୍ର ଲୋକେ ବୁଝନ୍ତି ମନ୍ଦିର ପ୍ରସ୍ତୁତ ରହିଛି ଏ ମଧ୍ୟରେ କୌଣସି ଦିଅଁ ନାହାନ୍ତି। ଯେମିତି ଇସଲାମିକ ମସଜିଦରେ କେବଳ ପ୍ରାର୍ଥନା ନମାଜ କରାଯାଏ ଏଠାରେ କୌଣସି ମୂର୍ତ୍ତି ଫଟୋ ଆଦି ବିଲୁପ୍ତ। ମହିମା ଧର୍ମର ମନ୍ଦିର ଅଛି ଏହା ମଧ୍ୟ ଶୂନ୍ୟ ମନ୍ଦିର ଅଲେଖଙ୍କୁ ପୂଜା ଆରାଧନା ସେଠାରେ କରାଯାଉଛି। ଆମ ସଂସ୍କୃତି ହିଁ ଶୂନ୍ୟ ସଂସ୍କୃତି ଶୂନ୍ୟ ଏକ ଗୋଲକ। ଏହା ଟଙ୍କା ଭଳି ଗୋଲ ନୁହଁ ଏହାର ଧାରଣା କମଳା ଲେମ୍ବୁ ପରି ଗୋଲ। ଏଥିରୁ ଅନେକ ଗୋଲକ ବାହାରିଲେ ବି ଶେଷରେ ବି ସେହି ଗୋଲକ ରହିଥାଏ। ବ୍ରହ୍ମଧର୍ମ ଏମିତି ଏକ ଧର୍ମ ଏପରି ଶୂନ୍ୟକୁ ଆରାଧନା କରାଯାଏ। ତେବେ ଅନେକ କ୍ଷେତ୍ରରେ ନାଦବ୍ରହ୍ମକୁ ଓଁକାରକୁ ଏହି ଶୂନ୍ୟ ମଧ୍ୟରେ ସ୍ଥାନ ଦିଆଯାଇଛି। ଗୋଲକ ଗୁଡ଼ିକକୁ ଯାକି ଯାକି ରଖିଲେ ବିଭିନ୍ନ ପ୍ରକାର ଗୋଲକ ଏକ ସ୍ଥାନରେ ରହିପାରେ ଯେମିତି ଜୀବ ଶରୀରର ହୃଦଯନ୍ତ୍ର, ପାକସ୍ଥଳୀ ଆଦି ଏକ ଏକ ଗୋଲକ ଜାକି ଜାକି ହୋଇ ବିଭିନ୍ନ ପରିପାର୍ଶ୍ୱିକ ଅବସ୍ଥାରେ ଶରୀରରେ ଅଛି। ପ୍ରତ୍ୟେକ ଶରୀରରେ ବେଲୁନ ପରି ଅନେକ ମୁଣା ଅଛି। ଯେ କୌଣସି ସ୍ଥାନ ବି ଗୋଲକ ରୂପେ ଧରାଯାଏ। ଏହାର କେନ୍ଦ୍ର ସ୍ଥାନରେ ମୁଖ୍ୟ ସ୍ଥାନ ବା ରାଜଧାନୀ। ସବୁ ସ୍ଥାନର କେନ୍ଦ୍ର ପ୍ରଶାସନ ନିଶ୍ଚେ ଅଛି। ବୃତ୍ତର କେନ୍ଦ୍ର ପରି ସବୁ ସ୍ଥାନର କେନ୍ଦ୍ର ରାଜଧାନୀ ଜିଲ୍ଲା ମୁଖ୍ୟମନ୍ତ୍ରୀ, ପଞ୍ଚାୟତ ଅଫିସ, ଥାନା ଏମିତି ରହିଛି। ଅତଏବ ଏସବୁ ବି ଶୂନ୍ୟ ମନ୍ଦିର ଧରାଯାଇପାରେ। ତେବେ ଖାଦ୍ୟ ପାନୀୟରେ ଉଦର ଗରଣ ହେଲେ ଶୂନ୍ୟ ମନ୍ଦିର ଶୂନ୍ୟ ରହିନପାରେ। ବ୍ୟତିକ୍ରମ ଶୂନ୍ୟ ଆହାରୀଙ୍କ ପାଇଁ ପ୍ରକୃତରେ ଏହା ଶୂନ୍ୟ ମନ୍ଦିର। ଭାବନା ଶୂନ୍ୟ ଅକାଂକ୍ଷା ଶୂନ୍ୟଙ୍କ ପାଇଁ ଶୂନ୍ୟ ମନ୍ଦିର ଏହା ହୋଇଥାଏ। ବୋକାଙ୍କର ମସ୍ତିଷ୍କର ଆକୃତି ପୂର୍ଣ୍ଣ ଦୃଶ୍ୟ ହେଲେ ବି ମସ୍ତିଷ୍କ ଶୂନ୍ୟ କାମ କରନ୍ତି। ଇଂରାଜୀରେ ତାଙ୍କୁ ନନ୍ ସେନ୍ସେ ଏଥିପାଇଁ କହନ୍ତି। ଏଥିରେ ଶରୀରକୁ ମନ୍ଦିର ନକହି ମୁଣ୍ଡ ବା ମସ୍ତିଷ୍କକୁ ମନ୍ଦିର ଲୋକ ଅବୁଝା ହେଲେ ଓ ତାକୁ ବୁଝାଇବାକୁ ବିଫଳ ହେଲେ ସେ ଲୋଭ ଭିନ୍ନ କାମରେ ଆସେ ସିନା ଲୋକଙ୍କର ଉପକାରରେ ଅଦରକାରୀ ହୁଏ। ଏ କ୍ଷେତ୍ରରେ ତାର ଶରୀରଟା ଶୂନ୍ୟ ମନ୍ଦିର ବୋଧହୁଏ। ଉଦ୍ଦୀପନା ବିହୀନ ଶରୀର ଶୂନ୍ୟ ମନ୍ଦିର, ମୁର୍ଦ୍ଦାରଟା ଶୂନ୍ୟ ମନ୍ଦିର। ବଡ଼ ବଡ଼ ବିଦ୍ୟାୟତନ ଛାତ୍ର ନଥିଲେ ଶୂନ୍ୟ ମନ୍ଦିର, ଶିକ୍ଷକ ନଥିଲେ ପାଠପଢ଼ା ଶୂନ୍ୟ। ଦେଶରେ ପ୍ରଶାସନ ପାଇଁ ଉପଯୁକ୍ତ ପ୍ରଶାସକ, ଶାସକ ନଥିଲେ, ଦେଶ ଶୂନ୍ୟ ଶୂନ୍ୟ। ଶେଉଳ ମଲେ ମନ୍ଦାକାହାଣ। ବିଜ୍ଞାନରେ ଅଛି ଲୋକାଲ ଆକସନ ପରି ପରିସ୍ଥିତି ପ୍ରଜାଙ୍କୁ ବିବ୍ରତ କରାଏ। ରବର ବେଲୁନର ଆକାର ପବନ ପୁରାଇଲେ ଫୁଲି ଉଠେ ହେଲେ ଏହା ଶୂନ୍ୟାଳୟ। ଏ ପବନର ଓଜନ ବେଲୁନ ଓଜନ ସହିତ ସମାନ ଅନେକ ସମୟରେ ହୁଏ। ଏମିତି ଗ୍ୟାସ ଭରାଯାଏ ଯହିଁରେ ବେଲୁନରେ ନିଜମ୍ୱ ଓଜନ ହ୍ରାସ ହୋଇ ସେ ଉପରକୁ ସ୍ୱଚ୍ଛନ୍ଦରେ ଉଠିଥାଏ। ଶୂନ୍ୟାଳୟ ଏପରି ଅବସ୍ଥା ବେଳେ ବେଳେ ଉପୁଜିଥାଏ। ମହାବଳୀ ହନୁମାନ ଆଠ ସିଦ୍ଧିର ମାଲିକ ସେ ହାଲକା ଓ ଓଜନ ଦୁଇ ପ୍ରକାରରେ ହୋଇ ରାମାୟଣ କାଳରେ ଚମତ୍କାର ଦେଖାଇଛନ୍ତି। ଅତିବଡ଼ ଅତିଛୋଟ ହୋଇ ବି ଚମତ୍କାର ଦେଖାଇଛନ୍ତି। ସିଦ୍ଧ ଯୋଗୀମାନେ ଏପରି କରିପାରନ୍ତି। ଏପରି ସିଦ୍ଧ ସଂସାରରେ ବିଲୁପ୍ତ ନୁହଁନ୍ତି। ଗଣିତଜ୍ଞମାନେ ଶୂନ୍ୟର ମୂଲ୍ୟାୟନ କରିବାକୁ ଗଲାବେଳେ ଶୂନ୍ୟକୁ ଜ୍ୟାମିତି ରେଖା ବିଦ୍ୟାର ସହାୟକ ନେଇ ଏକ ସୁନ୍ଦର ମନମୁତାବକ ଗୋଲକ କାଟିଥାନ୍ତି। ଏହା ରେଖାରେ ନିର୍ମିତ। ପ୍ରତି ଗୋଲେଇ ଏକ ଶୂନ୍ୟ ହେଲେ ପ୍ରତିଶୂନ୍ୟର କ୍ଷେତ୍ରଫଳ ଆକୃତି ଦୃଷ୍ଟେ ଅଲଗା ଅଲଗା ହେଲେ ବି ନାଭୀ କିନ୍ତୁ ଠିକ ମଧ୍ୟ ବିନ୍ଦୁ ଏହି ଶୂନ୍ୟଟି ଓଡ଼ିଆରେ ଠଅ ଅକ୍ଷର ସଦୃଶ। ଶୂନ୍ୟର ମୂଲ୍ୟାୟନ ଜଣା ପଡ଼ିଲା ଏହା ସଂଖ୍ୟାର ଡାହାଣ ପଟରେ ବସି ଡାହାଣକୁ ଡାହାଣ ଅଧିକ ଶୂନ୍ୟ ସଂଯୋଗ ଦଶ ଦଶ ଗୁଣ କ୍ରମରେ ବଢ଼ାଇ ଚାଲିଲାବେଳେ ଯଦି ଏକ ଦଶମିକ ବିନ୍ଦୁରୁ ଶୂନ୍ୟ ଆରମ୍ଭ କଲେ ଏହା ପ୍ରତିଥର ୧୦/୧୦ ଭାଗ କମିବାରେ ଲାଗେ। ମୂଳ ସଂଖ୍ୟା ଦଶମିକ ପରେ ଥିଲେ ସେହି ସଂଖ୍ୟା ୧୦ଭାଗ ଶହେଭାଗ ହଜାର ଭାଗ କ୍ରମରେ ସଂଖ୍ୟାର ମାନ ବୁଝାଏ। ଏକାଡ଼େମୀରେ ପାଠପଢ଼ିଲା ବେଳେ ଦଶମିକ ତିନି ସ୍ଥାନ ଯାଏ ଭଗ୍ନାଂଶର ଦଶମିକ ନେବାକୁ ଶିକ୍ଷକଙ୍କର ଉପଦେଶ ଥିଲା। ଶିଳ୍ପ ତାଲିକାରେ କୌଣସି ଧାତବ ଦଣ୍ଡ ପୂର୍ଣ୍ଣମାପର ମୋଟେଇ ନେଲେ ବି ତହିଁରେ (+, -)୦୫%ରେ କିଛି ଅଧିକ ମୋଟା ବା ସରୁ ରଖାଯାଏ। ସେପରି ଏକ ହୋଲ ବା କଣାର ଭଗିତର ଏପରି (+, -) ୦.୫% ମୋଟା ବା ସରୁ ରଖାଯାଇଥାଏ। ଶୂନ୍ୟର ଅନେକ କରାସାଦି ଅଛି। ଗଧଛାତ୍ରକୁ ପରୀକ୍ଷା ଖାତାରେ ଉତ୍ତର ଠିକ ନଲେଖିଥିଲେ ବା ଜମା ଲେଖିନଥିଲେ ଏଇ ଶୂନ୍ୟର ମୂଲ୍ୟାୟନରେ ରଖାଯାଏ। ପୃଥିବୀ କଣ ସମସ୍ତ ଗ୍ରହ ଦିନେ ଶୂନ୍ୟ ଥିଲା କାଳକ୍ରମେ ପୃଥିବୀ ପରି ସମସ୍ତେ ଶବ୍ଦ ମୁଖର ହୋଇଛନ୍ତି। କୌଣସି ଦେବତା ପାଟି କରନ୍ତି ନାହିଁ ହେଲେ ମନୁଷ୍ୟ ଘଣ୍ଟା ଘଣ୍ଟା ଢୋଲ ନାଗରା ପିଟି, ଶଙ୍ଖ, କାହାଳୀ ବଜାଇ ଶବ୍ଦ ବଦୁଳ କରୁଛନ୍ତି। ଦେବତାର ଧର୍ମ କହୁଛି ଚୁପଚାପ, ସ୍ଥିର ରୁହ ଏହା ମାନିଲେ ସର୍ବମଙ୍ଗଳ ହୋଇପାରେ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍,
ଅରୁଣୋଦୟ ମାର୍କେଟ, କଟକ,
ଦୂରଭାଷ : ୯୪୩୭୦୩୧୨୫୩

# ଗଣାଧିପତୟେ ନମଃ

ବିଦ୍ୟା, ବୁଦ୍ଧି, ସିଦ୍ଧି, ସମୃଦ୍ଧି, ସୌଭାଗ୍ୟର ଦେବତା ତଥା ଅଗ୍ରପୂଜ୍ୟ ଗଣନାଥଙ୍କ ଜନ୍ମଦିନ ଭାଦ୍ରବ ମାସ ଶୁକ୍ଳ ଚତୁର୍ଥୀରେ ପାଳନ କରାଯାଏ ଗଣେଶ ଚତୁର୍ଥୀ ବା ଗଣେଶ ପୂଜା । ପ୍ରାୟ ପ୍ରତ୍ୟେକ ଘରେ ଏବଂ ଶିକ୍ଷାନୁଷ୍ଠାନରେ ଅନୁଷ୍ଠିତ ହୁଏ ଗଣେଶ ପୂଜା । ପ୍ରତ୍ୟେକ ଶୁଭ କାମ, ପୂଜା ଆଦିର ପ୍ରଥମେ ଉଚ୍ଚାରଣ କରାଯାଏ 'ଶ୍ରୀ ଗଣେଶାୟ ନମଃ' ଏବଂ ପୂଜା କରାଯାଏ ନିମ୍ନ ବିନାଶକ ବିନାୟକ ବା ଗଣପତିଙ୍କୁ । ଗଣେଶଙ୍କ ବିଗ୍ରହର ଗଜମୁଖ ଆଦିମ ବାଣୀ ଓଁକାରର ପ୍ରତୀକ, ତେଣୁ ଗଣେଶ ଓଁକାର ସ୍ୱରୂପ ପରବ୍ରହ୍ମ ରୂପେ ପୂଜିତ । ଗଣେଶଙ୍କୁ ବିଶେଷ କରି ରାଶି ଲଡ୍ଡୁ, ନଡ଼ିଆ ଭୋଗ ରୂପେ ଅର୍ପଣ କରାଯାଏ । ରାଶିରେ ମସ୍ତିଷ୍କର ସ୍ନାୟୁ ସବଳ ହୁଏ । ତେଣୁ ଗଣେଶଙ୍କୁ ପୂଜା କରି ଏହି ଅବସରରେ ରାଶି ଲଡ୍ଡୁ ସେବନ କଲେ ମେଧାବୃଦ୍ଧିରେ ସହାୟକ ହୁଏ । 'ବକ୍ରତୁଣ୍ଡ ମହାକାୟ ସୂର୍ଯ୍ୟକୋଟି ସମପ୍ରଭ, ନିର୍ବିଘ୍ନ କୁରୁମେ ଦେବ ସର୍ବ କାର୍ଯ୍ୟ ସୁସର୍ବଦା' । 'ଯିଏ ସ୍ୱୟଂ ଜଗତମାତା, ପୁଅ ଯାର ଜଗତଜିତା...... ଉମାରାଣୀ ଦେବୀ ଭବାନୀ କାହିଁକି ଭଲା ଏ ବିରକ୍ଷ ମୁହଁ ।' ଦେବର୍ଷି ନାରଦ ବିରକ୍ଷରେ ବସିଥିବା ମା'ପାର୍ବତୀଙ୍କୁ ଏପରି ପ୍ରଶଂସା ପରଶିଥିଲେ । ଶିବ-ପାର୍ବତୀଙ୍କ ଅଭିମାନ ଓ ଅଜ୍ଞାତବାସର ସମୟ । ଦେବର୍ଷି ନାରଦ ପୁଣି ଏମାନଙ୍କ ଭିତର ଉତ୍ତମ ବୁଝାମଣା କରି ସୁଖୀ ଦାମ୍ପତ୍ୟ ଜୀବନ ଫେରାଇବାକୁ ଚେଷ୍ଟା କଲେ । ମା'ସିନା ସହଜରେ ତରଳିଲେ ନାହିଁ, ହେଲେ ନାରଦଙ୍କ ପରାମର୍ଶରେ ଶିବ ପ୍ରୀତ ହୋଇ ଶମ୍ଭୁ-ନିଶୁମ୍ଭଙ୍କୁ ପତ୍ନୀ ପାର୍ବତୀଙ୍କ ସନ୍ଧାନରେ ପଠାଇଲେ । ବାର୍ତ୍ତା ମଧ୍ୟ ପଠାଇଲେ । ହେଲେ ମା' ପାର୍ବତୀଙ୍କୁ କୌଣସି ମତେ ଭେଟ କରାଇ ଦେଲେ ନାହିଁ ପୁତ୍ର ଗଣେଶ । ଚାଲିଲା ଯୁଦ୍ଧ, ଏଥିରେ ପରାସ୍ତ ହୋଇ ସେମାନେ ଯାଇ ଜଣାଇଲେ ମହାପ୍ରତାପୀ ମହାଦେବଙ୍କୁ । ଏହାପରେ ଠିକଣାସ୍ଥାନକୁ ଆସିଲେ ସ୍ୱୟଂ ଶିବ । ପାର୍ବତୀଙ୍କ ପାଖକୁ ମୋତେ ଛାଡ଼ ବୋଲି ଶିବ ଯେତେ ଜିଦ୍ ଧରିଲେ, ଏଥିରେ ଗଣେଶ ଆହରୁ ନାଛୋଡ଼ବନ୍ଧା ହେଲେ । କ୍ରମଶଃ ଉଭୟଙ୍କ ବୀରତ୍ୱର ବଚସା ହେଲା । ଆରମ୍ଭ ହେଲା ଯୁଦ୍ଧ । ଏଥିରେ ଶିବ ଭୟଙ୍କର ରୂପ ଧରି ଗଣେଶଙ୍କ ଶିର ଛେଦନ କଲେ । ଘଟଣାସ୍ଥଳରେ ପାର୍ବତୀ ପହଞ୍ଚି ସ୍ୱାମୀ ଶିବଙ୍କୁ ତିରସ୍କାର କଲେ । କହିଲେ ତୁମେ ତୁମ ପୁତ୍ରକୁ ବଧ କରିଛ । ଶିବ ଆଶ୍ଚର୍ଯ୍ୟ ହେଲେ । ଗଣେଶ କେମିତି ତାଙ୍କ ପୁଅ ? ପାର୍ବତୀ ନିଜ ଦେହର ମଳିକୁ ପିତୁଳା କରି ଏଥିରୁ ଗଣେଶଙ୍କୁ ଜନ୍ମ ଦେଇଛନ୍ତି ବୋଲି କହିଲେ । ପାର୍ବତୀଙ୍କ ସର୍ତ୍ତାନୁସାରେ ସ୍ୱାମୀ ଶିବଶଙ୍କର ପୁତ୍ର ଗଣେଶଙ୍କ ପାଇଁ ଉପାୟ ପାଞ୍ଚିଲେ । ବୀରବର ସେବକମାନଙ୍କୁ ପଠାଇ ପଶ୍ଚିମକୁ ମୁଣ୍ଡ କରି ଶୋଇଥିବା ହସ୍ତୀସାବକର ମୁଣ୍ଡ କାଟି ଆଣି ଗଣେଶଙ୍କ ଗ୍ରୀବାରେ ଯୋଡ଼ିଲେ । ଏହାପରେ ସଞ୍ଜିବନୀ ମନ୍ତ୍ର ଦେଇ ଗଣେଶଙ୍କୁ ପୁନର୍ଜନ୍ମ ଦେଲେ । ପୁତ୍ର ଗଣେଶଙ୍କୁ ସେ ଅନ୍ୟଦେବଦେବୀଙ୍କ ମଧ୍ୟରେ ସବୁଠୁ ଅଧିକ ବିଦ୍ୟାବୁଦ୍ଧିସମ୍ପନ୍ନ ହେବାର ସୌଭାଗ୍ୟ ପ୍ରଦାନ କଲେ । କେବଳ ସେତିକି ନୁହେଁ, ଗଣେଶ ସର୍ବ ଦେବଦେବୀଙ୍କ ମଧ୍ୟରେ ଅଗ୍ରପୂଜ୍ୟ ହେବେ ବୋଲି ଘୋଷଣା କଲେ । ସତକୁସତ ଗଣେଶ ହେଲେ ଅଗ୍ରପୂଜ୍ୟ । ପୁଣି ତାଙ୍କ ଦୁଇପାର୍ଶ୍ୱରେ ଅବସ୍ଥାନ କରିଥିବା ମା'ଲକ୍ଷ୍ମୀ ଧନର ଦେବୀ ଓ ମା' ସରସ୍ୱତୀ ବିଦ୍ୟାର ଦେବୀ ଭାବେ ବିଦିତ ହେଉଥିଲେ ମଧ୍ୟ ଏମାନଙ୍କ ଠାରୁ ଅଧିକ ବିଭବଶାଳୀ ଓ ବୁଦ୍ଧିବିଦ୍ୟାସମ୍ପନ୍ନ ତଥା ଶୁଭାଶୁଭ ଦେବତାଭାବେ ଗଣେଶ ସମର୍ଥ ଲାଭ କଲେ । ସେହିଦିନରୁ ଅନ୍ୟ ଦେବଦେବୀଙ୍କ ପୂଜା ପୂର୍ବରୁ ଶ୍ରୀଗଣେଶଙ୍କୁ ପୂଜାର୍ଚ୍ଚନା କରାଯାଇ ଆସୁଛି । ଆଜି ହେଉଛି ଶ୍ରୀଗଣେଶ ଚତୁର୍ଥୀ । ହିନ୍ଦୁମାନଙ୍କ ପାଇଁ ଉଦ୍ଦିଷ୍ଟ ବର୍ଷର ପ୍ରଥମ ପାର୍ବଣଭାବେ ଏହାକୁ ସାରା ଦେଶରେ ପାଳନ କରାଯାଉଛି । ପଲ୍ଲୀରୁ ସହର ସବୁଠି ପୂଜା ଅଧିଷ୍ଠିତ ହୋଇଛନ୍ତି ଶ୍ରୀଗଣେଶଙ୍କ ପ୍ରତିମା । କେଉଁଠି ସ୍ଥାୟୀ ବିଗ୍ରହଙ୍କୁ ତ ଆଉ କେଉଁଠି ସଦ୍ୟମୃତ୍ତିକାରେ ତିଆରି ଶ୍ରୀଗଣେଶ ମୃଣ୍ମୟଙ୍କୁ ଆବାହନ କରାଯାଇ ଶୋଡ଼ଷ ଉପଚାର ପୂଜା ନିବେଦନ କରାଯାଉଛି । ଅନ୍ୟ ଦେବଦେବୀଙ୍କ ପରି କୌଣସି ନିର୍ଦ୍ଦିଷ୍ଟ ବୟସ ବୟସ ବା ଶ୍ରେଣୀର ଲୋକଙ୍କ ପାଇଁ ସୀମିତ ନୁହେଁ ଏହି ପୂଜା । ସେହି ଅଗ୍ରପୂଜ୍ୟ ବିଘ୍ନ ବିନାଶକଙ୍କ ପୂଜା ସମଗ୍ର ଦେଶରେ ଖୁବ୍ ଧୁମ୍‌ଧାମରେ ପାଳନ କରାଯାଉଛି । କର୍ଣ୍ଣାଟକ, ମହାରାଷ୍ଟ୍ର, ତାମିଲନାଡୁ, ଆନ୍ଧ୍ର ପ୍ରଦେଶରେ ୧୦ ଦିନ ଧରି ଗଣେଶ ଚତୁର୍ଥୀ ଉତ୍ସବ ପାଳନ କରାଯାଏ । ଏହା ବ୍ୟତୀତ ପ୍ରବାସୀ ହିନ୍ଦୁମାନେ ମଧ୍ୟ ବ୍ରିଟେନ୍, ପ୍ୟାରିସ, ଯୁକ୍ତରାଷ୍ଟ୍ର ଆମେରିକା, କାନାଡ଼ା, ସିଙ୍ଗାପୁର, ମାଲେସିଆ, ଥାଇଲାଣ୍ଡ, ମରିସସ୍, ନେପାଳ, କାମ୍ବୋଡ଼ିଆ, ବର୍ମା, ଗୁଏନା ଆଦି ରାଷ୍ଟ୍ରରେ ଗଣନାଥଙ୍କ ପୂଜା କରନ୍ତି । ଶ୍ରୀଗଣେଶଙ୍କୁ ସାର୍ବଜନୀନ ଦେବତାଭାବେ ଆବାଳବୃଦ୍ଧବନିତା ପୂଜା ନିବେଦନ କରୁଛନ୍ତି । ତେବେ ଶ୍ରୀଗଣେଶ ଚତୁର୍ଥୀକୁ ଉପଯୁକ୍ତ ବୟସର ମହିଳା ଓ ପୁରୁଷମାନେ ଏକ ବ୍ରତ ଭାବେ ପାଳନ କରିଥିବାବେଳେ ଶିଶୁ, କିଶୋର ଓ ତରୁଣ ବୟସମାନ ପାଇଁ ଏହା ସାର୍ବଜନୀନ ପୂଜାଭାବେ ଆୟୋଜନ କରାଯାଇଥାଏ । ଛାତ୍ରଛାତ୍ରୀମାନେ ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା କରି ବିଦ୍ୟା ବୁଦ୍ଧି ଭିକ୍ଷା କରିଥାନ୍ତି । ଆଜିର ତିଥିରେ ସମସ୍ତଙ୍କର ଶୁଭାଶୁଭ ହେଉ ।

*ଅଧ୍ୟକ୍ଷ, ନାଳନ୍ଦା ପବ୍ଲିକ ସ୍କୁଲ,*
*ସେକ୍ଟର-୮, ସିଡିଏ, କଟକ*

# ଆମ ସଂସ୍କୃତିର କେତୋଟି ବିଚାର



ଉମାଶଙ୍କର ପ୍ରସାଦ

ଆମ ସଂସ୍କୃତିର ଏକ ସ୍ୱାତନ୍ତ୍ୟ ହେଉଛି 'ତେନତ୍ୟକ୍ତେନ ଭୂଞ୍ଜିଥା' ଅର୍ଥାତ ତ୍ୟାଗପୂର୍ବକ ଉପଭୋଗ କର। ଏକାକି ଉପଭୋଗ ନକରି ସମୁହ ଭାବରେ ଦୁଃଖ ସୁଖକୁ ବାିଣ୍ଟନେବା ପାଇଁ ଆମକୁ ପିଲାଟି ଦିନରୁ ଶିଖାହୋଇଛି। ଯେଭଳି 'ପ୍ରସାଦ ବାଣ୍ଟିଣ ଖାଇବ, ଅଳ୍ପ ବହୁତ ନକରିବ', 'ଏକତାର ବଳ ବା ଦଳର ବଳ'। ଏପରି ଅନେକ ଆପ୍ତବାକ୍ୟରେ ଆମ କୈଶୋର ସମୃଦ୍ଧ। କଣିକାଏ ନିର୍ମାଲ୍ୟରେ ବୈକୁଣ୍ଠ ପ୍ରାପ୍ତି ବୋଲି ସେଇ ବିଶ୍ୱାସରେ ଆମେ ବଂଚିଛୁ ଆଜିଯାଏ। ତେବେ ଏଭଳି ସମୁହ ଭାବନା ତ୍ୟାଗର ନାମାନ୍ତର ନୁହେଁ କର୍ତ୍ତବ୍ୟର ଅନ୍ୟତମ ରୂପ। ତେବେ ତ୍ୟାଗ ଆଉ କର୍ତ୍ତବ୍ୟ କୁ ନେଇ ଦୁଇ କିମ୍ବଦନ୍ତି ପରୁଷ ଯେକି ଗାନ୍ଧୀ ଓ ମାର୍କସ,- ମାର୍କସ କହିଲେ 'ନଥିଲା ଲୋକ ଥିଲା ଲୋକଙ୍କଠୁ ଛଡେଇ ନିଅନ୍ତୁ କିନ୍ତୁ ଗାନ୍ଧୀ କହିଲେ ଥିଲାବାଲା ନଥିଲାବାଲା ଲୋକଙ୍କୁ ଆପଣାର ମଣି ହାତଧରି ତଳୁ ଉପରକୁ ଉଠାଇ ନେଲେ ରକ୍ତାକ୍ତ ବିପ୍ଳବକୁ ଏଡାଇ ଦିଆ ଯାଇପାରନ୍ତା ଓ ସାମୁହିକ ସଦ୍‌ଭାବ ପ୍ରତିଷ୍ଠା ସହଜ ହୋଇପାରନ୍ତା। ତେବେ ଏ କଥା ଆଜିର ସମାଜରେ କେତେଦୁର ସମ୍ଭବ ମୋ ପ୍ରିୟ ପାଠକେ ବିଚାର କରିବେ। ତେବେ ବର୍ତ୍ତମାନ ଆଜିର ସମାଜରେ କେତୋଟି ବିଚାର ଉପରେ ଆଲୋଚନା କରିବା। ଆଜି ଆଉ କେହି ଚିଠି ଲେଖିବାକୁ ପସନ୍ଦ କରୁ ନାହାଁନ୍ତି ତେଣୁ ଚିଠି ଲେଖା ସାତ ସପନ ହେଲାଣି। ଚିଠି ଯେ କେତେ ପ୍ରତୀକ୍ଷାର ଅନ୍ତ ଘଟାଏ ଏ କଥା ଆମ ପିଲାଏ ଜାଣି ପାରୁନାହାଁନ୍ତି। ୩ ଏପ୍ରିଲ ୧୯୭୩ ମସିହାରେ ମାର୍ଟିନ କୁପର ଜଣେ ବିଜ୍ଞାନୀ ପ୍ରଥମେ 'ମୋଟୋରୋଲା' ମୋବାଇଲ ପ୍ରସ୍ତୁତ କରିବା ସହ ତାଙ୍କର ଜଣେ ପ୍ରତିଦ୍ୱନ୍ଦୀ ଡକ୍ଟର ଜୋଏଲସ୍ ଏଙ୍ଗଲ ଙ୍କ ସହ କଥା ହୋଇଥିଲେ। ସେହିପରି ଜୁଲାଇ ୨୧ - ୧୯୭୫ ମସିହାରେ ପ୍ରଥମେ ଭାରତ ରେ ୱେଷ୍ଟ ବେଙ୍ଗଲ ର ମୁଖ୍ୟମନ୍ତ୍ରୀ ଜ୍ୟୋତିବସୁ ନୋକିଆ ହ୍ୟାଣ୍ଡ ସେଟରେ କେନ୍ଦ୍ରୀୟ ଦୁରସଂଚାର ମନ୍ତ୍ରୀ ସୁଖରାମଙ୍କ ସହିତ ବାର୍ତ୍ତାଳାପ କରିଥିଲେ। ସେହି ଦିନଠାରୁ ମୋବାଇଲ ତାର କାୟା ବିସ୍ତାର କରିବା ସହ ଆଜିର ଯୁବ ପିଢୀ ତଥା ସମସ୍ତଙ୍କୁ ୱାଟସପ, ଏସ ଏମ ଏସ, ଇନଷ୍ଟା ଗ୍ରାମ, ଓ ଟୁଇଟର ଭିତରେ ସୀମିତ କରି ଦେଇଛି। ଡାକଘର ଆଉ ସମ୍ପର୍କର ସେତୁ ହୋଇ ରହିନାହିଁ।

ଏହି ମୋବାଇଲ ର ବ୍ୟବହାର ଫଳରେ ବର୍ଣ୍ଣସୁଦ୍ଧିର ସଙ୍କଟ ବଢିବାରେ ଲାଗିଛି। ଓଡିଆ ଭାଷାକୁ ନେଇ ବହୁତ ସଭା ସମିତି ଆଲୋଚନା ଚକ୍ର ହେଉଛି। ଆକାର, ଇ, ଈର ପାର୍ଥକ୍ୟ, ଶ, ଷ,ସର ବ୍ୟବହାରକୁ ନେଇ ନାନା ମତ ଖବର କାଗଜର ପୃଷ୍ଠା ମଣ୍ଡନ କରୁଛି। କେଉଁ ବନାନକୁ ସାଧାରଣ ଲୋକେ ବ୍ୟବହାର କରିବେ, ଏମିତି ସର୍ବସମ୍ମତ ମତ ବାହାରି ପାରୁନି, ମାତ୍ର ମୋବାଇଲରେ ବନାନ ଅଛି କି ? ଯେପରି ଛକ୍କଙ୍କ ତ ଙ୍କ ରେ ସୀମିତ। 'ଟୁସି' ୨ମ ଭାବେ ବ୍ୟବହୃତ ଓ ଇଭୟ -ଭ ଭାବେ। ଆମ ଭାଷାଯେ କେତେ ବିପଦଗ୍ରସ୍ତ ଏକଥା ଆମେ ଜାଣି ଅଜଣା ହେଉଛୁ। ଏହା ହେଉଛି ବର୍ତ୍ତମାନ ସଂସ୍କୃତିର ବିଚାର। ଆଜି ଏଇ ଭାଷାରୁ ସମସ୍ତ ସମସ୍ୟା ମନରେ ଉଙ୍କି ମାରୁଛି ! ଆମ ସର୍ବମାନ୍ୟ ନେତା, ଲେଖକ,ବୁଦ୍ଧିଜୀବୀ, ମନ୍ତ୍ରୀ, ଯନ୍ତ୍ରୀ ସମସ୍ତେ ପ୍ରାୟ ଓଡିଆ ସ୍କୁଲରେ ପାଠ ପଢିଥିବେ ଏବଂ ଖୁବ ନାଁ ମଧ୍ୟ କମାଇଛନ୍ତି। ସେତେବେଳେ ଇଂରାଜୀ ମାଧ୍ୟମ ସ୍କୁଲ ଥିଲା ନା ପିଲାଙ୍କ ମନରେ ବା ଅଭିଭାବକଙ୍କ ମନରେ ଅସୁସ୍ଥ ତୁଳନା ଥିଲା। ଆଜି ପିଲାଙ୍କ ଭିତରେ ନିଜ ବିଦ୍ୟାଳୟ କୁ ନେଇ କଥାବାର୍ତ୍ତା "ତୁମ ସ୍କୁଲରେ ସୁଇମିଂ ପୁଲ ଅଛି ? ଆମ ସ୍କୁଲରେ ହର୍ଷ ରାଇଡିଂ ଟ୍ରେନିଂ ଦିଆ ଯାଉଛି। ମୋ ଜାଣିବାରେ ଷଷ୍ଠ ଦଶକ ଶେଷ ପର୍ଯ୍ୟନ୍ତ ଗାଁର ହାଇସ୍କୁଲରେ ଇଂରାଜୀ ପଢା ଖୁବ ଭଲ ହେଉଥିଲା। ତେବେ ଆଜି କାହିଁକି ଓଡିଆ ସ୍କୁଲରେ ସେହି ନାମକରା ପିଲାଙ୍କ ପୁଅ ଝିଅ ବା ନାତି ନାତୁଣୀମାନେ ପଢୁନାହାଁନ୍ତି ? ତାହା ବିଚାର ଯୋଗ୍ୟ, ଯିଏ ବି ଭଲ ପିଲା ପଢୁଛନ୍ତି ସେମାନେ ନିଜ ଭିତରେ କାହିଂକି ଇଂରାଜୀ ମାଧ୍ୟମ ସ୍କୁଲରେ ପଢିଲେନି ବୋଲି ହୀନମାନ୍ୟତା ନେଇ ବଢୁଛନ୍ତି। ପ୍ରତ୍ୟେକଙ୍କ ଘରେ ଇନଡକ୍ସନ, ଗ୍ୟାସ, ଫ୍ରିଜ, ଏ.ସି କୁଲର ଅଛି ଓ ପସନ୍ଦ ମୁତାବକ ଖାଦ୍ୟ ମଧ୍ୟ ରନ୍ଧା ହେଉଛି କିନ୍ତୁ ବୟସ୍କ ବାପ ମାଆ ସାହାଯ୍ୟକାରୀ ଲୋକଙ୍କ ସହିତ ଭାତ ଡାଲମା ଖାଉଛନ୍ତି ବୟସର ଅପରାହ୍ନରେ ଏକୁଟିଆ ରାନ୍ଧି ଖାଇବା ସେମାନଙ୍କ ପକ୍ଷରେ ସମ୍ଭବ ନୁହେଁ। ହଁ ଆଉ କେଇଟା ଦିନ , କଟିଗଲେ ଯାଏ ଭଳି ମନୋଭାବ। ଆଗକାଳରେ ଜେଜେମା, ଆଇ ଭରିକା କହନ୍ତି ଯେଉଁଘରେ ଏକାଧିକ ଚୂଲୀ ଜଳେ ସେ କି ଘରରେ ସୁମାରୀ ? କେବେ ଆମ ରୋଷେଇ ଘର ଚୂଲୀକୁ ଆମେ ପାରିବାରିକ ଅଗ୍ନିର ମର୍ଯ୍ୟାଦା ଦେଉଥିଲେ। ସେତେବେଳର ଚୂଲୀ ସମସ୍ତ ପରିବାରକୁ ପାଖରେ ବସାଇ ଯୋଡିବାର କାମ କରୁଥିଲା ଏବେ କିନ୍ତୁ ଭାଙ୍ଗିବାର ସହାୟକ ପାଲଟିଲାଣି। ହାୟ, ଧନ୍ୟ ଆମ ବିଚାର ଆଉ ଗତି ? ?

ଆମ ସନାତନ ସଂସ୍କୃତିରେ ପରିଷ୍କାର ପରିଚ୍ଛନ୍ନତାର ସ୍ଥାନ ଖୁବ ଉଚ୍ଚରେ। ଆପଣ ମାନେ ଜାଣିନାହାଁନ୍ତି ସେଦିନ ଜଗଜ୍ଜନନୀ ମା ଲକ୍ଷ୍ମୀ ଠାକୁରାଣୀ ଗାଁ ଭ୍ରମଣରେ ଯିବା ସମୟରେ କାହାର ଦୁଆରେ ଶୁଚି ନଦେଖି ଶ୍ରୀୟା ଚଣ୍ଡାଳୁଣୀର ଶୁଦ୍ଧପୁତ ପରିଷ୍କାର ପରିଚ୍ଛନତା କୁଡିଆ ଭିତରେ ଉଭା ହୋଇଥିଲେ। ଯାହା ଥିଲା ଷୋଡଶ ଶତାବ୍ଦୀର ସାଧକ ବଳରାମ ଦାସଙ୍କ ପରିକଳ୍ପନା। ଆଜି ଆଉ ଲିପା ପୋଛା ନାହିଁ। ଯଦି ଘରେ କାମବାଲା ନଆସିଥାଏ ଓ ବଡ ବଡ ବାବୁଙ୍କ ସହାୟକ ଅନୁପସ୍ଥିତି ରହେ ତେବେ ସେ ଘର ୩, ୪ ଦିନ ଧରି ଓଳା ନହୋଇ ରହିଥାଏ। ବାବୁ , ବାବୁଆଣୀ ମାନେ ତିନିମହଲା କୋଠାରୁ ଅଳିଆ ପଲିଥିନ ରାସ୍ତା ଉପରକୁ ଫୋପାଡି ଦେଇ ପରିବେଷ ପ୍ରଦୁଷଣ କରୁଛନ୍ତି କିନ୍ତୁ ସେମାନଙ୍କ ଘରେ ଲକ୍ଷ୍ମୀ ବିରାଜମାନ କରିଥାନ୍ତି ଏହା ହେଉଛି ଆଜିର କଳି ଯୁଗର ପ୍ରଭାବ! ଘର ସଫା ସୁତରା ରଖିବା ମଫସଲିଆ ବିଚାର ନୁହେଁ । ଏଥିରେ ସ୍ୱାସ୍ଥ୍ୟରକ୍ଷା ସହିତ ମନସ୍ଥ ମଧ୍ୟ ସଂଶ୍ଳିଷ୍ଟ। ଗାଧୋଇ ସାରି ଠାକୁର ପୂଜା କରିବା ,ରନ୍ଧାଘରେ ପଶିବାଭଳି ବ୍ୟାପାର ତ ଏବେ ପ୍ରାୟ ସମସ୍ତେ ଭୂଲିଗଲେଣି ! ପରିବାରରୁ ଆମେ ମାଆଙ୍କର ଭାଇ ମାମୁଁ, ବାପାଙ୍କର ଭାଇ କକା ବା ଦାଦା, ସେମିତି ମାଇଁ, ମାଉସୀ, ପିଉସୀ ମଉସା ପିଉସା ଇତ୍ୟାଦି 'ଅଙ୍କଲ' ବଳୟରେ ସୀମିତ। ଆଜି ର ଆଧୁନିକ ସମାଜରେ ଶାଢୀ ପିନ୍ଧା ସ୍ୱପ୍ନ ହେଲାଣି ତା ଅର୍ଥ ଅନେକ ସୁଗୃହିଣୀ ଏବେବି ଶାଢୀ ପିନ୍ଧାକୁ ଜାବୁଡି ଧରିଛନ୍ତି। ଆମ ର ପୂର୍ବତନ ରାଷ୍ଟ୍ରପତି ପ୍ରତିଭା ସିଂ ପାଟ୍ଟିଲ ସର୍ବୋଚ ପଦରେ ଥାଇ ସୁଦ୍ଧା ଶାଢୀ ପିନ୍ଧାକୁ ନିଜର ଧର୍ମଭାବେ ଗ୍ରହାଣ କରିଥିଲେ। ସେହିପରି ଆମର ସ୍ୱର୍ଗତ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ନିଜ ରାଜନୀତି ଜୀବନରେ କେବେହେଲେ ଶାଢୀଛଡା ଡ୍ରେସ ପିନ୍ଧି ନଥିଲେ,ସୁଷମା ସ୍ୱରାଜ, ମମତା ବାନାର୍ଜି ମଧ୍ୟ। ମାତ୍ର ଆଜି ଆମ ଘ୍ଗା ପିନ୍ଧା ବାବୁଙ୍କ ପତ୍ନୀ ମାନେ ନାଇଟ ଗଳାଇ କୁକୁର ଧରି ରାଜରାସ୍ତାରେ ବୁଲିବାକୁ ସଙ୍କୋଚ ବୋଧ କରୁନାହିଁନ୍ତି। ନିଜେ ପରିଧାନ କରୁଥିବା ନାଇଟି ଯେ କେବଳ ନାଇଟ୍ ରେ ପରିଧାନ କରାଯାଏ ତାର ତାତ୍ପର୍ଯ୍ୟ ନିଜେ ବୁଝିନାହାଁନ୍ତି। ଆଜିର ନାରୀ ସମାଜ ନିଜର ବିପର୍ଯ୍ୟୟ ପାଇଁ ସେ ନିଯେ ଦାୟୀ। ଗୋଟିଏ ଦ୍ରୌପଦୀ କୁ ଭରି ରାଜ ସଭାରେ ବିବସନା ହେବାବେଳେ ଭଗବାନ ନାରୀର ଇଜତ ବଂଚାଇବା ପାଇଁ କୋଟିବସ୍ତ୍ର ପ୍ରଦାନ କରିଥିଲେ ମାତ୍ର ଆଜିର ସମାଜରେ ଅଗଣିତ ଦ୍ରୌପଦୀ, ଭଗବାନ କେତେ ଜଣଙ୍କ ପାଇଁ ବସ୍ତ୍ର ଯୋଗାଇବେ ? ତେଣୁ ଅନେକ ଦୁଃଶାସନ ବିଜ୍ଞାପନ ଦାତା ସାଜି ଦ୍ରୌପଦୀ ମାନଙ୍କର ଶରୀରର ପ୍ରତ୍ୟେକ ଅଙ୍ଗର ବିଜ୍ଞାପନ ପାଇଁ ଅର୍ଥ ପ୍ରଦାନ କରି ଚାଲିଛନ୍ତି ଆଉ ଭଗବାନ ଦାରୁଭୁତ ମୁରାରୀ। ଦିନେ ଝିଅର ଚାଲିଚଲଣି ଜାମା ଲୁଗାରେ ତାଙ୍କ ପରିବାରର ଚାଲିଚଲଣି ଫୁଟି ଉଠୁଥିଲା। ପରିବାରର ସମ୍ପଦ କନ୍ୟାରତ୍ନଟି ପରଂପରାରେ ରକ୍ଷାକର୍ତ୍ତା ଥିଲା। ଆଉ ଆଜି ଯେତେ ନୂଆ ନୂଆ ଚଳଚିତ୍ର ଆସୁଛି ସେତେ ନୂଆ ପୋଷାକ ଶିଳେଇ ହେଉଛି। ଆଉ ଆମର ଆଜିର ସମ୍ଭ୍ରାନ୍ତ ବଂଶର ପୁଅ ଝିଅ ମାନେ ଉକ୍ତ ପୋଷାକଟିକୁ ଯେତେଶୀଘ୍ର ଆଣିବା ଦରକାର ହୋଇପଡିଛି କାଳେ ବିଳମ୍ବ ହେଲେ ଷ୍ଟାଇଲ ବଦଳିବାର ଭୟ ଅଛି। କିନ୍ତୁ ସେମାନେ ବିଚାର କରିବା ଦରକାର ଯେଉଁ, ଜୋତା, ପୋଷାକ,ଚଷମାର ଶୈଳୀ ଏତେ କ୍ଷଣସ୍ଥାୟୀ ତା ପଛରେ ଏତେ ଉର୍ଦ୍ଧ୍ୱଶ୍ୱାସରେ ଧାଇଁବାର ମାନେ କ'ଣ ଅଛି ? ଆଜିର ପିଢିର ଝିଅମାନେ ଶାଢୀ ପିନ୍ଧିବାକୁ ପାର୍ଲର ଯାଆନ୍ତି କାରଣ ତାଙ୍କ ମାଆମାନଙ୍କୁ ବି ଶାଢୀ ପିନ୍ଧି ଆସେନି। ତଥ୍ୟ ଜାଣିବାର ଅଧିକାର କଥା ଭାଷଣରେ କହୁଥିବା ମଣିଷମାନେ ନିଜ ଜେଜେବାପା, ମାଆଙ୍କ ନାମ ଜାଣନ୍ତିନି ନିଜର ଗୋତ୍ର ବି ଜାଣନ୍ତିନି ! ଆଜିକାର ପିଲାମାନେ କ୍ଷୀର ପ୍ୟାକେଟରୁ ଆସେ ବୋଲି ଜାଣନ୍ତି ତେବେ ବିଚାର କରନ୍ତୁ ଆମ ସଂସ୍କୃତି ଓ ସଭ୍ୟତା କେତେ ନିମ୍ନସ୍ତରକୁ ଗଲାଣି।

ଆଜିର ପିଲାଏ ଇଣ୍ଟରନେଟ୍ ଉପରେ ନିର୍ଭରଶୀଳ। ଏହି ବ୍ୟବସ୍ଥା ଖୁବ୍ ଭଲ କିନ୍ତୁ ସେଥିରେ ଆମେ ଯେଉଁ ତଥ୍ୟ ରଖିବା ସେତିକି ତ ଆମକୁ ଉପଲବଧ୍ ହେବ ନାଁ! ତେବେ ଏହି ବ୍ୟବସ୍ଥା ଆମ ବିଚାରକୁ ପ୍ରଭାବିତ କରୁଛି ଅନେକ ତଥ୍ୟ (ଓଭଲକ୍ଟକ୍ସଙ୍କବସ୍ପସକ୍ଟଭ) ଆମ ହାତ ପାଖକୁ ଆସୁଛି ସହଜରେ। ମାତ୍ର ତଥ୍ୟ ତ ଜ୍ଞାନ (ଳଭକ୍ଟଙ୍ଗରୟଶର) ନୁହେଁ! ଆସନ୍ତୁ ପାଠ କଥା ବିଚାର କରିବା- ବିଦ୍ୟା ପରା ନମ୍ରତା ଦିଏ। " ନମ୍ରନ୍ତି ଫଳିନଃ ବୃକ୍ଷା ନମ୍ରନ୍ତି ଗୁଣିନୋ ଜନାଃ" ଫଳ ଭାରରେ ବୃକ୍ଷ ଟି ନଇଁଯାଏ। ଏହି ଫଳନ୍ତି ବୃକ୍ଷ ଅନ୍ୟର ଫୋପଡ ସହେ। ତେବେ ଗଛ କ'ଣ ଫୋପଡାକୁ ଡରି ଫଳ କାମନା କରେ ନାହିଁ କି ?। ଆଜି ଅତି ପାଠୁଆ ପୁଅ ସମସ୍ତଙ୍କ ସ୍ୱପ୍ନକୁ ପୁଞ୍ଜିକରି ବିଦେଶଯାଏ, ଆଉ ଘର ବା ମା ମାଟି ମାଡିବାକୁ ସଙ୍କୋଚ ବୋଧ କରେ ! ଆଜିବନ ଦୁଃଖ କଷ୍ଟ ସହି ଯେଉଁ ବାପ ମାଆ ଅଣ୍ଡାରୁ ଭେଣ୍ଡା କରିଥାନ୍ତି ,ସେମାନଙ୍କ ପାଇ ବିଦେଶୀ ପୁଅ କିଛି ଅର୍ଥ ପଠାଇ ନିଜର ବଡପଣ ଦେଖାଇ ହୁଏ। ଆଜି ନମସ୍କାର ହାଲୋ ହାୟରେ ପର୍ଯ୍ୟବସିତ ଆଉ ଆଗକାଳର ଆପ୍ତ ବାକ୍ୟ "ସଷ୍ଟାଙ୍ଗ ପ୍ରଣିପାତେନ ପରିପ୍ରଶ୍ନେନ ସେବୟା" କଥା ପଚାରେ କିଏ ? ଏବେ ଆଜି 'ଭାରତ' ଆଉ 'ଓ ଘ ଭ ଓ ଇ' କୁ ନେଇ ବିବାଦ। କେବେ ଏ ରୁଗ୍ଣ ମାନସିକତା ର ପରିବର୍ତ୍ତନ ହେବ ? ଇଣ୍ଡିଆ ର ନାମ କରଣ ପଛରେ ଐତିହାସିକ ତଥ୍ୟ ନିହିତ କିନ୍ତୁ ଆମ ଭାରତ ସଂସ୍କୃତି ସମ୍ପନ୍ନ ଭରତଙ୍କ ନାମାନୁସାରେ ଭାରତ ହୋଇଛି ଯାହାର ବିକଳ୍ପ ନାହିଁ। ତେବେ ଆସନ୍ତୁ ଆମର ଏହି ବିଚାର ଧାରାକୁ ପରିବର୍ତ୍ତନ କରି ଆମ ସଂସ୍କୃତି ଓ ପରମ୍ପରାର ରକ୍ଷା କରିବା।

ଉମାଶଙ୍କର ପ୍ରସାଦ, ସମ୍ପାଦକ ମାର୍ଗଦର୍ଶୀ,
ଖୋରଧା ୯୬୩୭୦୬ ୭୫୫୬୨)




# ରାୟଗଡା ଜିଲ୍ଲା ରେ ରେଡ଼କ୍ରସ ସଂସ୍ଥାର ସାଧାରଣ ପରିଷଦ ଓ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ




ରାୟଗଡ,(ପି.ଏନ):ରେଡ଼କ୍ରସ ସଂସ୍ଥା ଜିଲ୍ଲା ଶାଖା, ରାୟଗଡର ଆଜି ବାର୍ଷିକ ସାଧାରଣ ଓ କାର୍ଯ୍ୟନିର୍ବାହୀ ବୈଠକ ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶ୍ରୀ ରମେଶ୍ୱର ପ୍ରଧାନଙ୍କ ଅଧକ୍ଷତାରେ ଓ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ଶ୍ରୀ ଭାସ୍କର ଚ଼ନ୍ଦ୍ର ରୋଇତଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅତିରକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ ରେଡ଼କ୍ରସର ଆର୍ଥିକ ବର୍ଷ ୨୦୨୨-୨୩ ଓ ୨୦୨୩-୨୪ ବର୍ଷରେ ଆଦାୟ ଓ ଖର୍ଚ୍ଚ ବିଷୟରେ ସମୀକ୍ଷା କରିଥିଲେ । ଏହା ବ୍ୟତୀତ ଚ଼ଳିତ ଆର୍ଥିକ ବର୍ଷ ୨୦୨୩-୨୪ ନିମନ୍ତେ ବଜେଟ ଉପସ୍ଥାପନା କରିଥିଲେ । ବିଗତ ବର୍ଷ ୧୮ଲକ୍ଷ ୪୮ହଜାର ୩୪୬ଟଙ୍କା ଆଦାୟ ହୋଇଥିବା ବେଳେ ଚ଼ଳିତ ସେପ୍ଟେମ୍ବର ମାସର ୧୧ତାରିଖ ରିଖ ସୁଦ୍ଧା ୮ଲକ୍ଷ ୫୪ହଜାର ଟଙ୍କା ଆଦାୟ ହୋଇଥିବା ପ୍ରକାଶ କରିଥିଲେ କ୍ଷ ସେହିପରି ବିଗତ ବର୍ଷରେ ୬ଲକ୍ଷ ୧୪ହଜାର ୩୨୫ଟଙ୍କା ଓ ଚ଼ଳିତ ବର୍ଷ ସେପ୍ଟେମ୍ବର ୧୧ ତାରିଖ ସୁଦ୍ଧା ୮ଲକ୍ଷ ୩୭ହଜାର ୨୧୦ଟଙ୍କା ଖର୍ଚ୍ଚ ହୋଇଥିବା ପ୍ରକାଶ କରିଥିଲେ । ପାଣ୍ଠି ଆଦାୟକୁ ନେଇ ଅତିରକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ ସମୀକ୍ଷା କରି କହିଲେ ଯେ ଏହି ଟଙ୍କା ଜିଲ୍ଲାର ଗରିବ ଦୁଃଖୀ , ଦରିଦ୍ରଙ୍କ ସେବାରେ ଲାଗୁଥିବାରୁ କିଛି ଅଧିକାରୀ ଧାର୍ଯ୍ୟ ପାଣ୍ଠି ଜମା କରୁନଥିବାରୁ ଉଦବେଗ ପ୍ରକାଶ କରିଥିଲେ । ସମସ୍ତ ଅଧିକାରୀ ବଦାନ୍ୟ ବ୍ୟକ୍ତି, ସଂସ୍ଥାକୁ ତୁରନ୍ତ ପୂର୍ବ ବର୍ଷର ବକେୟା ଟଙ୍କା ଜମା କରିବା ପାଇଁ ଅନୁରୋଧ କରିଥିଲେ । ସେହିପରି ଖର୍ଚ୍ଚ ଉପରେ ସମୀକ୍ଷା କରି ଜଣାପଡିଛି ଯେ ଜିଲ୍ଲା ରେଡ଼କ୍ରସ ତରଫରୁ ବହୁତ ମହନିୟ କାର୍ଯ୍ୟରେ ସହାୟତା ପ୍ରଦାନ କରିଛି କ୍ଷ ବିଗତ ବର୍ଷରେ ସ୍ୱାସ୍ଥ୍ୟ ସେବା ପାଇଁ ଗରିବ ଲୋକଙ୍କୁ ୨ଲକ୍ଷ୍ ୩୭ହଜାର ଟଙ୍କା ପ୍ରଦାନ କରାଯାଇଛି । ଗରିବ ଲୋକଙ୍କୁ ୧ଲକ୍ଷ ୭ ହଜାର ଟଙ୍କା ଆର୍ଥିକ ସହାୟତା ଦିଆ ଯାଇଛି । ଗରୀବ ପିଲା ମାନଙ୍କ ପାଠ ପଢିବା ନିମନ୍ତେ ୨୧ହଜାର ଟଙ୍କା, ଜୀବନ ଜୀବିକା ମାନବୃଦ୍ଧି ପାଇଁ ୧୧ହଜାର ଟଙ୍କା,୩୦ହଜାର ଟଙ୍କା ଦୁର୍ଘଟଣା ଜନିତ ସମସ୍ୟା ପାଇଁ ତିନି ଜଣକୁ ସହାୟତା ପଦାନ କରାଯାଇଛି ।ଚ଼ଳିତ ବର୍ଷରେ ସ୍ୱାସ୍ଥ୍ୟ ସେବା ପାଇଁ ଗରିବ ଲୋକଙ୍କୁ ୧ଲକ୍ଷ୍ ୪୦ହଜାର ଟଙ୍କା ପ୍ରଦାନ କରାଯାଇଛି । ଗରିବ ଲୋକଙ୍କୁ ୪୦ ହଜାର ଟଙ୍କା ଆର୍ଥିକ ସହାୟତା ଦିଆ ଯାଇଛି କ୍ଷ ଗରୀବ ପିଲା ମାନଙ୍କ ପାଠ ପଢିବା ନିମନ୍ତେ ୩ଲକ୍ଷ ୫୭ହଜାର ଟଙ୍କା, ଜୀବନ ଜୀବିକା ମାନବୃଦ୍ଧି ପାଇଁ ୫ହଜାର ଟଙ୍କା,୨୦ହଜାର ଟଙ୍କା ଦୁର୍ଘଟଣା ଜନିତ କ୍ଷୟକ୍ଷତି ପାଇଁ ଜଣକୁ ଜଣକୁ ସହାୟତା ପ୍ରଦାନ କରାଯାଇଥିବା ପ୍ରକାଶ କରିଥିଲେ ।ଏହି ବୈଠକରେ ଆଜୀବନ ସଦସ୍ୟ ସଂଖ୍ୟା ବୃଦ୍ଧି କରିବା ନିମନ୍ତେ ଉଭୟ ଅତିରିକ୍ତ ଜିଲ୍ଲାପାଳ ବୈଠକରେ ନିର୍ଦ୍ଦେଶ ଦେଇଥିବା ବେଳେ ବରିଷ୍ଠ ନାଗରିକ ଜଳନ୍ଧର ପୁଷିକା ଆଜୀବନ ସଦସ୍ୟ ମାନଙ୍କୁ ସାର୍ଟିଫିକେଟ ଦିଆଯାଉ ବୋଲି ଅନୁରୋଧ କରିଥିଲେ ।ଆଜିର ବୈଠକରେ ରେଡ଼କ୍ରସ ସଂସ୍ଥାର ଆଜୀବନ ସଦସ୍ୟ ଡ଼ଃ ଦୁଷ୍ମନ୍ତ ମହାନ୍ତି, ଗୋପୀନାଥ ସାହୁ, ସତ୍ୟବାଦୀ ପତି, ଜଳନ୍ଧର ପୁଷିକା, ଜିଲ୍ଲାସ୍ତରୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ଅନ୍ୟାନ୍ୟ ସଦସ୍ୟ ମାନେ ଯୋଗଦାନ କରିଥିଲେ ।

# ମିଲେଟକୁ ଏକ ଉତ୍ତମ ବିକଳ୍ପର ମାନ୍ୟତା ଦେଇଛି ଓଡ଼ିଶା ମିଲେଟ୍ ମିଶନ୍

ଭୁବନେଶ୍ୱର,(ପି.ଏନ): ମିଲେଟ ଫସଲ ଉତ୍ପାଦନରେ ତୀବ୍ର ବୃଦ୍ଧି ଏବଂ କୃଷକମାନଙ୍କ ପାଇଁ ଉତ୍ତମ ଆୟର ସୁଯୋଗରେ ଓଡ଼ିଶା ରେକର୍ଡ଼ କରିଛି। ୨୦୧୭ରେ ଓଡ଼ିଶା ମିଲେଟ ମିଶନ୍ ଆରମ୍ଭ ହେବା ପରେ ରାଜ୍ୟରେ ବହୁସଂଖ୍ୟକ କୃଷକ ମିଲେଟ ଉତ୍ପାଦନ ଆଡ଼କୁ ମନ ବଳାଇଛନ୍ତି। ମିଲେଟ ଉତ୍ପାଦନ କମି କମି ଆସୁଥିବା ବେଳେ ଏହାର ଉପକାରିତା ଉପରେ ଦୂରଦୃଷ୍ଟି ରଖି ଓଡ଼ିଶା ମିଲେଟ ମିଶନ ପୁଣି କୃଷକମାନଙ୍କୁ ମିଲେଟ ଚାଷ ପ୍ରତି ଆକର୍ଷିତ କରିପାରିଛି।ଓଡ଼ିଶାରେ ବର୍ଷ ସାରା ଉଷ୍ଣ ବାତାବରଣ ରହିଥାଏ। ତେଣୁ ଏହି ଜଳବାୟୁରେ ଚାଷ କରିବା କଷ୍ଟସାଧ ହୋଇଥାଏ। ମାତ୍ର ମିଲେଟ୍ ଚାଷ ପାଇଁ ସ୍ୱଳ୍ପଜଳର ଆବଶ୍ୟକତା ପଡ଼େ। ତେଣୁ ମିଲେଟ ଚାଷ ପାଇଁ ଓଡ଼ିଶାର ବାତାବରଣ ଉପଯୋଗୀ। ଏହାର ଉତ୍ପାଦନ ବଢ଼ାଇବା ସହିତ ରାଜ୍ୟର ପ୍ରତି ଘରେ ମିଲେଟକୁ ପହଞ୍ଚାଇବା ପାଇଁ ମିଲେଟ ମିଶନ ଜରିଆରେ ରାଜ୍ୟ ସରକାର ଚେଷ୍ଟା ଜାରି ରଖିଛନ୍ତି।ଓଡ଼ିଶା ମିଲେଟ ମିଶନ ରାଜ୍ୟରେ ମିଲେଟ ଉତ୍ପାଦନକୁ ପ୍ରୋତ୍ସାହନ ଦେଇଛି; ଯାହା ଫଳରେ ଓଡ଼ିଶାରେ ଏଥର ଆଖିଦୃଶିଆ ରାଗି ଉତ୍ପାଦନ ବୃଦ୍ଧି ପାଇଛି। ୨୦୧୬-୧୭ ମସିହାରେ ମାତ୍ର ୪୦ ହଜାର କ୍ୱିଣ୍ଟାଲ ମିଲେଟ୍ସ ଉତ୍ପାଦନ ହୋଇଥିବା ବେଳେ ୨୦୨୧-୨୨ରେ ଏହା ୭ ଲକ୍ଷ କ୍ୱିଣ୍ଟାଲକୁ ବୃଦ୍ଧି ପାଇଛି। ୨୦୨୨ ଜୁଲାଇ ସୁଦ୍ଧା ଓଡ଼ିଶା ମିଲେଟ ମିଶନରେ କୃଷକମାନଙ୍କ ସଂଖ୍ୟା ୮ ହଜାରରୁ ୧.୫ ଲକ୍ଷରୁ ଅଧିକ ବୃଦ୍ଧି ପାଇଛି। ମିଲେଟ ଚାଷରୁ ସଫଳତା ପାଇଥିବା ଅନୁଗୁଳ ଜିଲ୍ଲାର ଜଣେ କୃଷକ କହିଛନ୍ତି, 'ଚାଷ ପାଇଁ ଆଗରୁ ଆମକୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। ଭାରି ବ୍ୟସ୍ତ ଲାଗୁଥିଲା। କିନ୍ତୁ ମିଲେଟ ଚାଷ କରିବା ଭାରି ସହଜ। ମିଲେଟ୍ ଚାଷ କରିବା ଫଳରେ ବଜାରର ମହଙ୍ଗା ମାଡ଼ରେ ମଧ ଉନ୍ନତ ଜୀବନଶୈଳୀ ଏବଂ ସ୍ୱାସ୍ଥ୍ୟ ବିକଳ୍ପ ପ୍ରଦାନ କରିବାକୁ ସକ୍ଷମ ହୋଇପାରିଛୁ।' କୃଷକଙ୍କୁ ଉତ୍ସାହିତ କରି ସରକାରୀ ଅଧିକାରୀ କହିଛନ୍ତି, 'ଓଡ଼ିଶା ମିଲେଟ୍ସ ମିଶନ୍ ନାଗରିକଙ୍କ ମଧ୍ୟରେ ଏକ ଅଦମ୍ୟ ବିଶ୍ୱାସ ସୃଷ୍ଟି କରିଛି। ପରବର୍ତ୍ତୀ ପର୍ଯ୍ୟାୟକୁ ଯିବା ଦ୍ୱାରା ଆମ ରାଜ୍ୟରେ ମିଲେଟ୍ସ ସମ୍ଭାବନାକୁ ପ୍ରଦର୍ଶନ କରିବା ପାଇଁ ଉନ୍ନତ ରଣନୀତି ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖିଛୁ।'ଚାଷ ସମୟରେ ଅଧିକ ରାସାୟନିକ ସାର ପ୍ରୟୋଗ କରାଯିବା ଦ୍ୱାରା ପରବର୍ତ୍ତୀ ପର୍ଯ୍ୟାୟରେ ବହୁତ ଅସୁବିଧା ଦେଖାଯାଇଥାଏ। ମିଲେଟ ମିଶନ୍ ଜରିଆରେ ଓଡ଼ିଶା ସରକାର ଏହି ବିଷୟରେ ଚାଷୀମାନଙ୍କୁ ଅବଗତ କରାଇଛନ୍ତି। ଏତଦ୍‌ବ୍ୟତୀତ, ମିଲେଟ ଚାଷକୁ କିଭଳି ଆହୁରି ଉନ୍ନତମାନର କରାଯାଇପାରିବ ତାହାର ଉପାୟ ମଧ ଚାଷୀଙ୍କୁ ଶିଖାଇଛନ୍ତି। ଓଡ଼ିଶା ମିଲେଟ୍ସ ମିଶନ୍ ପକ୍ଷରୁ କୃଷକମାନଙ୍କ ପାଇଁ ସିଧାସଳଖ ବ୍ୟାଙ୍କ ଟ୍ରାନ୍ସଫର ଓ ବିଭିନ୍ନ ପୋର୍ଟାଲ କାର୍ଯ୍ୟକାରୀ କରାଯାଉଛି। ଏଥିସହିତ ଏହାର ଗୁଣବତ୍ତା ପ୍ରତି ମଧ ଧ୍ୟାନ ରଖାଯାଉଛି। ଏହି ପଦକ୍ଷେପ ଦ୍ୱାରା ରାଗି ପରି କିଛି ଫସଲର ଅମଳ ସ୍ୱଳ୍ପ ସମୟ ମଧ୍ୟରେ ଯଥେଷ୍ଟ ବୃଦ୍ଧି ପାଇଥିବା ଦେଖାଯାଇଛି ।ରାଜ୍ୟ ସରକାରଙ୍କ ବାରମ୍ବାର ପଦକ୍ଷେପ ଜରିଆରେ କୃଷକମାନେ ସେମାନଙ୍କର ପାରମ୍ପରିକ ଫସଲକୁ ଗ୍ରହଣ କରିବା ସହିତ ସେମାନଙ୍କ ପରିଶ୍ରମର ଉଚିତ ମୂଲ୍ୟ ପାଇବାରେ ସକ୍ଷମ ହୋଇ ପାରୁଛନ୍ତି। ଓଡ଼ିଶା ମିଲେଟ୍ସ ମିଶନ୍ ଏହାର ପରବର୍ତ୍ତୀ ପର୍ଯ୍ୟାୟକୁ ଯିବା ସହିତ ମିଲେଟ୍ସର ଗ୍ରହଣଶୀଳତାକୁ ଅଧିକ ସୁଗମ ଏବଂ ନମନୀୟ କରିବା ପାଇଁ ଉତ୍ତମ ରଣନୀତି ଏବଂ ବୈଜ୍ଞାନିକ କୌଶଳକୁ ସୁନିଶ୍ଚିତ କରୁଛି।

## ଖଣ୍ଡସାହି-ନତକାଇ ରାସ୍ତା ମରାମତି ନହେଲେ ଅନଶନ ଚେତାବନୀ

ସାଲେପୁର, (ପି.ଏନ): ନିଶ୍ଚିନ୍ତକୋଇଲି ବ୍ଲକ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନସ୍ଥ ଖଣ୍ଡସାହି-ନତକାଇ ରାସ୍ତାର ଶ୍ରୀ ଶ୍ରୀ ଶକ୍ତିଶ୍ୱର ମନ୍ଦିର ବାଣୀନଗର ସମ୍ମୁଖ ରାସ୍ତା ଉପରେ ବିରାଟ ଖାଲ ହୋଇ ପାଣି ଜମି ରହିବା ଫଳରେ ଏଠାରେ କୃତ୍ରିମ ହ୍ରଦର ଭ୍ରମ ସୃଷ୍ଟି ହୋଇଅଛି । ଏହି ରାସ୍ତା ଦେଇ ଯାଉଥିବା ବଲ୍ଲଭୀଦେବୀ ମହିଳା ମହାବିଦ୍ୟାଳୟର ଛାତ୍ରୀ, ନିଶ୍ଚିନ୍ତକୋଇଲି ସାପ୍ତାହିକ ହାଟ ତଥା ନିଶ୍ଚିନ୍ତକୋଇଲି ବଜାରକୁ ଯାଉଥିବା ବାଟୋଇ, ବ୍ୟବସାୟୀ ଏଠାରେ ଅବସ୍ଥିତ ଘରୋଇ ଶିକ୍ଷାନୁଷ୍ଠାନ ଅରବିନ୍ଦ ସ୍କୁଲକୁ ଆସୁଥିବା ଛାତ୍ର ଛାତ୍ରୀ ଓ ସ୍ଥାନୀୟ ଶକ୍ତିଶ୍ୱର ଓ ସାଇବାବାଙ୍କ ମନ୍ଦିରକୁ ଦୈନିକ ଆସୁଥିବା ବହୁ ଶ୍ରଦ୍ଧାଳୁଙ୍କ ସମେତ ବହୁ ଜନସାଧାରଣ ଯିବା ଆସିବାରେ ଅସୁବିଧା ଭୋଗୁଛନ୍ତି । ଏ ସଂପର୍କରେ ବହୁବାର ନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀଙ୍କୁ ଜଣାଇବା ସହ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଓ ଫାଇଭ-ଟି ସଚିବଙ୍କୁ ଅବଗତ କରାଯାଇଥିଲେ ମଧ ଅଦ୍ୟାବଧି କୌଣସି ପ୍ରତିକାର କରାଯାଇନାହିଁ ।

# ଛତ୍ରପୁର ପ୍ରେସ କ୍ଲବ ଦ୍ୱିବାର୍ଷିକ ନିର୍ବାଚ଼ନ: ରବିନ୍ଦ୍ରନାଥ ସଭାପତି



ଛତ୍ରପୁର: ଛତ୍ରପୁର ପ୍ରେସ କ୍ଲବ କାର୍ଯ୍ୟାଳୟଠାରେ ମଙ୍ଗଳବାର ଛତ୍ରପୁର ପ୍ରେସ କ୍ଲବର ନିର୍ବାଚ଼ନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୩ ଖଣ୍ଡ ଭୋଟ ପାଇ ରବିନ୍ଦ୍ରନାଥ ପଣ୍ଡା ସଭାପତି ଭାବେ ବିଜୟୀ ହୋଇଛନ୍ତି। ସମ୍ପାଦକ ପଦବୀ ପାଇଁ ସନ୍ତୋଷ କୁମାର ପାଢ଼ୀ ଓ ସରୋଜ କୁମାର ସାମଲ ମଧ୍ୟରେ ପ୍ରତିଦ୍ୱନ୍ଦିତା ହୋଇଥିଲା। ଏଥିରେ ଉଭୟ ୧୨ ଖଣ୍ଡ ଲେଖାଏଁ ଭୋଟ ପାଇଥିଲା ବେଳେ, ଗୋଟିଏ ଭୋଟ ନାକଚ଼ ହୋଇଥିଲା। ଯାହା ଫଳରେ ଧର୍ମଗୁଳାରେ ସରୋଜ ସାମଲ ପ୍ରଥମେ ଏକ ବର୍ଷ ପାଇଁ ସମ୍ପାଦକ ହୋଇଥିବା ବେଳେ ଆଉ ଏକ ବର୍ଷ ପାଇଁ ସନ୍ତୋଷ କୁମାର ପାଢ଼ୀ ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇବେ। ସେହିପରି ଉପ ସଭାପତି ଭାବେ ସନ୍ତୋଷ କୁମାର ମିଶ୍ର ୧୩ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲା ବେଳେ ଦେବବ୍ରତ ପଣ୍ଡା ୧୩ଖଣ୍ଡ ଭୋଟ ପାଇ ସହ ସମ୍ପାଦକ ଭାବେ ନିର୍ବାଚ଼ିତ ହୋଇଛନ୍ତି। କେ. ସତ୍ୟନାରାୟଣ ରେଡ୍ଡି କୋଷାଧକ୍ଷ ଭାବେ ନିର୍ଦ୍ୱନ୍ଦରେ ନିର୍ବାଚ଼ିତ ହୋଇଥିଲେ। ଏହି ସମସ୍ତ ନିର୍ବାଚ଼ନ ପ୍ରକ୍ରିୟା କାର୍ଯ୍ୟକ୍ରମକୁ ନିର୍ବାଚ଼ନ ଅଧିକାରୀ ଭାବେ ଶ୍ରୀକାନ୍ତ ମହାନ୍ତି ଦାୟିତ୍ୱ ତୁଲାଇଥିଲେ। ଏଥିରେ ପ୍ରେସ କ୍ଲବର ମୋଟ ୨୫ ଜଣ ସଭ୍ୟ ଉପସ୍ଥିତ ରହି ନିଜର ମତ ସାବ୍ୟସ୍ତ କରିଥିଲେ। ନୂତନ ଭାବେ ନିର୍ବାଚ଼ିତ ପ୍ରେସ କ୍ଲବର ସମସ୍ତ ସଦସ୍ୟଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।

# ବ୍ଲକ୍ ସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ

ବରଗଡ଼ (ପି.ଏନ): ବରଗଡ ଜିଲ୍ଲା ଭଟଲି ବ୍ଲକ୍ କାର୍ଯ୍ୟାଳୟ ପ୍ରାଙ୍ଗଣରେ ବ୍ଲକ୍ ସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ଏହି ଶିବିରରେ ଭାରପ୍ରାପ୍ତ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଆଶିଷ ନାଏକଙ୍କ ସମେତ,ନମିତା ପରିଡା ଓ ସୁବ୍ରତ ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା । ଭଟଲି ବ୍ଲକ ପରିସୀମାରେ ଥିବା ବିଭିନ୍ନ ପ୍ରକାରର ଭିନ୍ନକ୍ଷମମାନଙ୍କୁ ଚ଼ିହ୍ନଟ କରି ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ସରକାରୀ ଯୋଜନାରେ ସାମିଲ କରାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ଏହି ଶିବିରରେ ବରଗଡ ମୁଖ୍ୟ ଚ଼ିକିତ୍ସାଳୟର ମେଡିସିନ ,କର୍ଣ୍ଣ, ନାସା, ଗଳା,ଅର୍ଥପେଡିକ ଓ ଚ଼କ୍ଷୁ ବିଭାଗ ଉପସ୍ଥିତ ରହି ଭିନ୍ନକ୍ଷମ ବ୍ୟକ୍ତି ମାନଙ୍କର ପରୀକ୍ଷା କରଥିଲେ । ଏହି ଶିବିରରେ ସମୁଦାୟ ୧୩୭ଜଣ ଭିନ୍ନକ୍ଷମ ଯୋଗଦାନ କରିଥିଲେ। ଏହି ଶିବିରରେ ପରିଚ଼ୟ ପତ୍ର ପ୍ରଦାନ କରାଯିବା ସହିତ ଦକ୍ଷତାନୁଯାୟୀ ବସ୍ ପାସ୍, ଡି ଆର୍ ଆଇ ଲୋନ ପ୍ରଦାନ କରିବାର ବ୍ୟବସ୍ଥା ମଧ କରାଯାଇଥିଲା ।

# ମିଲେଟକୁ ଏକ ଉତ୍ତମ ବିକଳ୍ପର ମାନ୍ୟତା ଦେଇଛି ଓଡ଼ିଶା ମିଲେଟ୍ ମିଶନ୍

ଭୁବନେଶ୍ୱର,(ପି.ଏନ): ମିଲେଟ ଫସଲ ଉତ୍ପାଦନରେ ତୀବ୍ର ବୃଦ୍ଧି ଏବଂ କୃଷକମାନଙ୍କ ପାଇଁ ଉତ୍ତମ ଆୟର ସୁଯୋଗରେ ଓଡ଼ିଶା ରେକର୍ଡ଼ କରିଛି। ୨୦୧୭ରେ ଓଡ଼ିଶା ମିଲେଟ ମିଶନ୍ ଆରମ୍ଭ ହେବା ପରେ ରାଜ୍ୟରେ ବହୁସଂଖ୍ୟକ କୃଷକ ମିଲେଟ ଉତ୍ପାଦନ ଆଡ଼କୁ ମନ ବଳାଇଛନ୍ତି। ମିଲେଟ ଉତ୍ପାଦନ କମି କମି ଆସୁଥିବା ବେଳେ ଏହାର ଉପକାରିତା ଉପରେ ଦୂରଦୃଷ୍ଟି ରଖି ଓଡ଼ିଶା ମିଲେଟ ମିଶନ ପୁଣି କୃଷକମାନଙ୍କୁ ମିଲେଟ ଚାଷ ପ୍ରତି ଆକର୍ଷିତ କରିପାରିଛି।ଓଡ଼ିଶାରେ ବର୍ଷ ସାରା ଉଷ୍ଣ ବାତାବରଣ ରହିଥାଏ। ତେଣୁ ଏହି ଜଳବାୟୁରେ ଚାଷ କରିବା କଷ୍ଟସାଧ ହୋଇଥାଏ। ମାତ୍ର ମିଲେଟ୍ ଚାଷ ପାଇଁ ସ୍ୱଳ୍ପଜଳର ଆବଶ୍ୟକତା ପଡ଼େ। ତେଣୁ ମିଲେଟ ଚାଷ ପାଇଁ ଓଡ଼ିଶାର ବାତାବରଣ ଉପଯୋଗୀ। ଏହାର ଉତ୍ପାଦନ ବଢ଼ାଇବା ସହିତ ରାଜ୍ୟର ପ୍ରତି ଘରେ ମିଲେଟକୁ ପହଞ୍ଚାଇବା ପାଇଁ ମିଲେଟ ମିଶନ ଜରିଆରେ ରାଜ୍ୟ ସରକାର ଚେଷ୍ଟା ଜାରି ରଖିଛନ୍ତି।ଓଡ଼ିଶା ମିଲେଟ ମିଶନ ରାଜ୍ୟରେ ମିଲେଟ ଉତ୍ପାଦନକୁ ପ୍ରୋତ୍ସାହନ ଦେଇଛି; ଯାହା ଫଳରେ ଓଡ଼ିଶାରେ ଏଥର ଆଖିଦୃଶିଆ ରାଗି ଉତ୍ପାଦନ ବୃଦ୍ଧି ପାଇଛି। ୨୦୧୬-୧୭ ମସିହାରେ ମାତ୍ର ୪୦ ହଜାର କ୍ୱିଣ୍ଟାଲ ମିଲେଟ୍ସ ଉତ୍ପାଦନ ହୋଇଥିବା ବେଳେ ୨୦୨୧-୨୨ରେ ଏହା ୭ ଲକ୍ଷ କ୍ୱିଣ୍ଟାଲକୁ ବୃଦ୍ଧି ପାଇଛି। ୨୦୨୨ ଜୁଲାଇ ସୁଦ୍ଧା ଓଡ଼ିଶା ମିଲେଟ ମିଶନରେ କୃଷକମାନଙ୍କ ସଂଖ୍ୟା ୮ ହଜାରରୁ ୧.୫ ଲକ୍ଷରୁ ଅଧିକ ବୃଦ୍ଧି ପାଇଛି। ମିଲେଟ ଚାଷରୁ ସଫଳତା ପାଇଥିବା ଅନୁଗୁଳ ଜିଲ୍ଲାର ଜଣେ କୃଷକ କହିଛନ୍ତି, 'ଚାଷ ପାଇଁ ଆଗରୁ ଆମକୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। ଭାରି ବ୍ୟସ୍ତ ଲାଗୁଥିଲା। କିନ୍ତୁ ମିଲେଟ ଚାଷ କରିବା ଭାରି ସହଜ। ମିଲେଟ୍ ଚାଷ କରିବା ଫଳରେ ବଜାରର ମହଙ୍ଗା ମାଡ଼ରେ ମଧ ଉନ୍ନତ ଜୀବନଶୈଳୀ ଏବଂ ସ୍ୱାସ୍ଥ୍ୟ ବିକଳ୍ପ ପ୍ରଦାନ କରିବାକୁ ସକ୍ଷମ ହୋଇପାରିଛୁ।' କୃଷକଙ୍କୁ ଉତ୍ସାହିତ କରି ସରକାରୀ ଅଧିକାରୀ କହିଛନ୍ତି, 'ଓଡ଼ିଶା ମିଲେଟ୍ସ ମିଶନ୍ ନାଗରିକଙ୍କ ମଧ୍ୟରେ ଏକ ଅଦମ୍ୟ ବିଶ୍ୱାସ ସୃଷ୍ଟି କରିଛି। ପରବର୍ତ୍ତୀ ପର୍ଯ୍ୟାୟକୁ ଯିବା ଦ୍ୱାରା ଆମ ରାଜ୍ୟରେ ମିଲେଟ୍ସ ସମ୍ଭାବନାକୁ ପ୍ରଦର୍ଶନ କରିବା ପାଇଁ ଉନ୍ନତ ରଣନୀତି ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖିଛୁ।'ଚାଷ ସମୟରେ ଅଧିକ ରାସାୟନିକ ସାର ପ୍ରୟୋଗ କରାଯିବା ଦ୍ୱାରା ପରବର୍ତ୍ତୀ ପର୍ଯ୍ୟାୟରେ ବହୁତ ଅସୁବିଧା ଦେଖାଯାଇଥାଏ। ମିଲେଟ ମିଶନ୍ ଜରିଆରେ ଓଡ଼ିଶା ସରକାର ଏହି ବିଷୟରେ ଚାଷୀମାନଙ୍କୁ ଅବଗତ କରାଇଛନ୍ତି। ଏତଦ୍‌ବ୍ୟତୀତ, ମିଲେଟ ଚାଷକୁ କିଭଳି ଆହୁରି ଉନ୍ନତମାନର କରାଯାଇପାରିବ ତାହାର ଉପାୟ ମଧ ଚାଷୀଙ୍କୁ ଶିଖାଇଛନ୍ତି। ଓଡ଼ିଶା ମିଲେଟ୍ସ ମିଶନ୍ ପକ୍ଷରୁ କୃଷକମାନଙ୍କ ପାଇଁ ସିଧାସଳଖ ବ୍ୟାଙ୍କ ଟ୍ରାନ୍ସଫର ଓ ବିଭିନ୍ନ ପୋର୍ଟାଲ କାର୍ଯ୍ୟକାରୀ କରାଯାଉଛି। ଏଥିସହିତ ଏହାର ଗୁଣବତ୍ତା ପ୍ରତି ମଧ ଧ୍ୟାନ ରଖାଯାଉଛି। ଏହି ପଦକ୍ଷେପ ଦ୍ୱାରା ରାଗି ପରି କିଛି ଫସଲର ଅମଳ ସ୍ୱଳ୍ପ ସମୟ ମଧ୍ୟରେ ଯଥେଷ୍ଟ ବୃଦ୍ଧି ପାଇଥିବା ଦେଖାଯାଇଛି ।ରାଜ୍ୟ ସରକାରଙ୍କ ବାରମ୍ବାର ପଦକ୍ଷେପ ଜରିଆରେ କୃଷକମାନେ ସେମାନଙ୍କର ପାରମ୍ପରିକ ଫସଲକୁ ଗ୍ରହଣ କରିବା ସହିତ ସେମାନଙ୍କ ପରିଶ୍ରମର ଉଚିତ ମୂଲ୍ୟ ପାଇବାରେ ସକ୍ଷମ ହୋଇ ପାରୁଛନ୍ତି। ଓଡ଼ିଶା ମିଲେଟ୍ସ ମିଶନ୍ ଏହାର ପରବର୍ତ୍ତୀ ପର୍ଯ୍ୟାୟକୁ ଯିବା ସହିତ ମିଲେଟ୍ସର ଗ୍ରହଣଶୀଳତାକୁ ଅଧିକ ସୁଗମ ଏବଂ ନମନୀୟ କରିବା ପାଇଁ ଉତ୍ତମ ରଣନୀତି ଏବଂ ବୈଜ୍ଞାନିକ କୌଶଳକୁ ସୁନିଶ୍ଚିତ କରୁଛି।

2023-2024

ADMISSION OPEN

Maharishi Public School, Baripada



STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Bhubaneswar Wednesday September 13, 2023 ଭୁବନେଶ୍ବର ବୁଧବାର, ସେପ୍ଟେମ୍ବର ୧୩,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ବିଜୁ ମହିଳା ଜନତା ଦଳ, ମୟୂରଭଞ୍ଜ-୧ର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,(ପି.ଏନ): ବିଜୁ ମହିଳା ଜନତା ଦଳ, ମୟୂରଭଞ୍ଜ -୧ ତରଫରୁ ସ୍ଥାନୀୟ ଶହୀଦ୍ ସ୍ମୃତି ଭବନ, ବାରିପଦାଠାରେ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଜୁ ପଟ୍ଟନାୟକ ଗୋଲେଇଠାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଅତିଥିଗଣ ମାଲ୍ୟାର୍ପଣ କରିଥିଲେ । ମୟୂରଭ ଜିଲ୍ଲା - ୧ ବିଜୁ ମହିଳା ଜନତା ଦଳ ସଭାପତି ଦୀପ୍ତିଲତା ମିଶ୍ରଙ୍କ ସଭାପତିତ୍ୱରେ ସାଙ୍ଗଠାନିକ ଜିଲ୍ଲା ମଧ୍ୟରେ ୫ ଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀ ମଧ୍ୟରୁ ୧୬ ଗୋଟି ବ୍ଲକର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ । ଉକ୍ତ କର୍ଯ୍ୟକାରିଣୀ ବୈଠକରେ ମୁଖ୍ୟ ଅତିଥି ତଥା ରାଜ୍ୟ ମହିଳା ବିଜୁ ଜନତା ଦଳର ସଭାପତି ତଥା ବିଧାୟିକା (ଅତାବିରା ) ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ ଯୋଗ ଦେଇଥିଲେ । ତାଙ୍କ ବକ୍ତବ୍ୟରେ ଆଗାମୀ ନିର୍ବାଚନରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀଭାବେ ପ୍ରତିଷ୍ଠିତ କରିବା ପାଇଁ ସାଙ୍ଗଠାନିକ ଜିଲ୍ଲାର ୫ ଗୋଟି ବିଧାନସଭା ବିଧାୟକ ଏବଂ ସାଂସଦ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ପଡିବ, ସେଥିପାଇଁ ଆଜି ପ୍ରତ୍ୟେକ ମହିଳା କର୍ମୀ ସଂକଳ୍ପ ନେବା ଦରକାର ସେମାନେ ପ ାୟତ ବା ସହରର ୧୦ ଗୋଟି ଘରକୁ ଯୋଗାଯୋଗ ସ୍ଥାପନ ରଖିବେ । ଅନ୍ୟତମ ଅତିଥିଭାବେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ସୁଦାମ ମାରାଣ୍ଡି ତାଙ୍କ ଅଭିଭାଷଣରେ ମୟୂରଭ ଜିଲ୍ଲାର ମାଆ ମାନେ ଏଥର ରେକର୍ଡ ସଂଖ୍ୟକ ଭୋଟ ଦେଇ



ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ବିପୁଳ ମାତ୍ରାରେ ଜିତାଇବେ । ଅନ୍ୟତମ ଅତିଥି ରାଜ୍ୟ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଶ୍ରୀମତୀ ବାସନ୍ତୀ ହେମ୍ବ୍ରମ ମହୋଦୟା ମାଆମାନେ କିପରି ନିଜେ ବିଜୁ ଜନତା ଦଳ ସରକାରରେ ମିଶନ ଶକ୍ତି ଜରିଆରେ ସ୍ୱାବଲମ୍ବୀ ହୋଇପାରିଛନ୍ତି ତାହା ଆଲୋକପାତ କରିଥିଲେ । ଅନ୍ୟତମ ସମ୍ମାନୀତ ଅତିଥିଭାବେ ରାଜ୍ୟସଭା ସାଂସଦ ଶ୍ରୀମତୀ ମମତା ମହାନ୍ତ, ମୋରଡା ବିଧାୟକ ଶ୍ରୀଯୁକ୍ତ ରାଜକିଶୋର ଦାଶ, ଅନୁସୂଚିତ ଜାତି, ଜନଜାତି ଏଂବ ସଂଖ୍ୟା ଲଘୁ ଉନ୍ନୟନ ବିଭାଗର ଉପଦେଷ୍ଟା ତଥା ପୂର୍ବତନ ରାଜ୍ୟସଭା ସାଂସଦ ଶ୍ରୀମତୀ ସରୋଜିନୀ ହେମ୍ବମ, ବାରିପଦା ପୌରପରିଷଦର ନଗରପାଳ ଶ୍ରୀଯୁକ୍ତ କୃଷ୍ଣାନନ୍ଦ ମହାନ୍ତି, ଜିଲ୍ଲାପରିଷଦ ଅଧ୍ୟକ୍ଷ ଶ୍ରୀମତୀ ଭାରତୀ ହାଁସଦାଃ, ମୟୂରଭଞ୍ଜ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡା. ଦେବାଶିଷ ମାରାଣ୍ଡିତ, ପୂର୍ବତନ ଉପ-ବାଚସ୍ପତି ଶ୍ରୀଯୁକ୍ତ ସାନନ୍ଦ ମାର୍ଣ୍ଡି, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ରାଜ୍ୟ ବିଜୁ ମହିଳା ଜନତା ଦଳର ମୁଖ୍ୟ ସଚିବ କସ୍ତୁରୀ ମହାପାତ୍ର, ଭୂବନେଶ୍ୱର ମହାନଗର ନିଗମର କର୍ପୋରେଟର ଭାରତୀ ସିଂ, ରାଜ୍ୟ କୃଷି ନିଗର ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ମୟୂରଭ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ଅଧ୍ୟକ୍ଷ ସୁବ୍ରମଣ୍ୟମ ମହାନ୍ତି, ଯୋଜନା ବୋର୍ଡ ଏକ୍ସପୋର୍ଟ କମିଟି ସଦସ୍ୟ ଜିତେନ୍ଦ୍ର ମହାନ୍ତି, ରାଜ୍ୟ ବିଜୁ ମହିଳା ଜନତା ଦଳର ସାମାଜିକ ଗଣ ମାଧ୍ୟମର ସଂଯୋଜିକା ତଥା ଭୂବନେଶ୍ୱର ମହାନଗର ନିଗମର କର୍ପୋରେଟର ମାନସୀ ସୁନ୍ଦରରାୟ, ବିଜୁ ମହିଳା ଜନତା ଦଳ ଜୋନାଲ ସଭାପତି ବୀଣାପାଣି ସାହୁ, ସବିତା ହାଁସଦ. ବାରିପଦା ପୌରପରିଷଦର ଉପ-ନଗରପାଳ ସୀମା ଦାସ, ଶ୍ରାବଣୀ ଦାସ, ସବିତା ବେହେରା, ପ୍ରୀତିନନ୍ଦା କାନୁନଗୋ, ଶତଦଳ ମହାନ୍ତ, ସମ୍ପା ମଜୁମଦାର, ଉଦଳା ଏନ.ଏ.ସିର ଉପ-ନଗରପାଳ ଲିଲି ଭୋଳଙ୍କ ସମେତ ଜିଲ୍ଲାର ବହୁ କର୍ମକର୍ତ୍ତା ଅଂଶ ଗ୍ରହଣ କରିଥିଲେ । ଆଜିର ଏ କାର୍ଯ୍ୟକାରିଣୀ ବୈଠକରେ ଶିକ୍ଷକତା ପେଷାରୁ ଅବସର ଗ୍ରହଣ କରି ଶ୍ରୀମତୀ ଅନା ବେହେରା ଶତାଧିକ ସମର୍ଥକଙ୍କ ସହିତ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜୁ ଜନତା ଦଳରେ ଯୋଗଦାନ କରିଥିଲେ । ଆଜିର ବୈଠକରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କୁ ଭାରତ ରତ୍ନ ଉପାଧିରେ ଭୂଷିତ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଦାବୀ ପ୍ରଦାନ କରାଯିବ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା ।

## ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ପାଳିତ

ନୂଆପଡ଼ା(ବିରବଲ ପ୍ରଧାନ), (ପି.ଏନ): ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ନୀଳଜି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶ୍ରୀଯୁକ୍ତ ସେବକ ରାମ ମହାପାତ୍ର ଙ୍କର ସଭାପତିତ୍ୱରେ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ଉପଲକ୍ଷେ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । ଏହିକାର୍ଯ୍ୟକ୍ରମରେ ଅତିଥି ମାନଙ୍କଦ୍ୱାରା ନିରକ୍ଷର ଙ୍କୁ କିପରି ସାକ୍ଷର କରାଯିବ ବୁଝାଯାଇଥିଲା କ୍ଷ ବିଭିନ୍ନ ସ୍ଲୋଗାନ ସହ ଛାତ୍ରଛାତ୍ରୀ ଗ୍ରାମ ପରିକ୍ରମା କରିଥିଲେ କ୍ଷ ଏଥିରେ ମୁଖ୍ୟ ଅତିଥି ଏ ବିଇଓ ଆଦିତ୍ୟ କୁମାର ବନଛୋର, ସଭାପତି ସେବକ ରାମ ମହାପାତ୍ର ଶିକ୍ଷକ, ମୁଖ୍ୟବକ୍ତା ଭୀମସେନ ମାଲି ସମାଜସେବୀ, ସମ୍ମାନିତ ଅତିଥି ପଙ୍କଜ ସା, ଆୟୋଜକ ରାକେଶ କୁମାର ମିଶ୍ର ସିଆରସିସି ଯୋଗଦେଇଥିବାବେଳେ ଧୀରେନ୍ଦ୍ର କୁମାର ସା ମଞ୍ଚ ପରିଚାଳନା କରିଥିଲେ କ୍ଷ ରୂପଶ୍ରୀ ମେହେର, ପର୍ମାନନ୍ଦ ମାଝୀ, ଜଗନ୍ନାଥ ସୁନାନୀ, ଶଙ୍କର ନିଆଲ, ପଦ୍ମନ ପାତ୍ର ଓ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟ ସଭ୍ୟା ବିଶେଷ ସହଯୋଗ କରିଥିଲେ ।

## ଇ.ପି.ଏଫ ପେନସନ ସଂଘ ସଦସ୍ୟଙ୍କ ବିୟୋଗରେ ଶୋକ

ଦର୍ପଣ,(ପି.ଏନ): ରାଜ୍ୟ ଇ.ପି.ଏଫ ପେନସନ ସଂଘ ପ୍ରତିଷ୍ଠାତା ସଦସ୍ୟ ତଥା ଧାନମଣ୍ଡଳ କୋଣାର୍କ ଝୁଟମିଲ ବାଣିଜ୍ୟ ବିଭାଗର ଅବସରପ୍ରାପ୍ତ କନିଷ୍ଠ ଅଧିକାରୀ ଅଶୋକ କୁମାର ରାଉତରାୟଙ୍କ କଟକ ବଡମେଡିକାଲରେ ମୁଖ କର୍କଟ ଜନିତ ଚିକିତ୍ସା ସମୟରେ ଦେହାନ୍ତ ଘଟିଛି । ତାଙ୍କୁ ୬୭ ବର୍ଷ ହୋଇଥିଲା । ତାଙ୍କ ବିୟୋଗରେ ବଡଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ବଡଚଣା ପଂଚାୟତ ସମିତିର ପ୍ରାକ୍ତନ ଅଧ୍ୟକ୍ଷ ପ୍ରହଲ୍ଲାଦ ନନ୍ଦ ଓ କୈଳାସ ଚନ୍ଦ୍ର ରାଉତ, ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ, ଚଣ୍ଡିଖୋଲ କଲେଜ ପରିଚାଳନା ସମିତି ସଭ୍ୟ ନିରଞ୍ଜନ ସେନାପତି, ପ୍ରାକ୍ତନ ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି ଓ ଡ.ବିରେନ୍ଦ୍ର କୁମାର ମିଶ୍ର, ପ୍ରାଧ୍ୟାପକ ଉମେଶ ଚନ୍ଦ୍ର ରାଉତ, ଅଧ୍ୟାପକ ବିଜୟ କେତନ ସାମଲ ଓ ସଲିଳ ରାଜନନ୍ଦନ ମହାନ୍ତି, ଶ୍ରମିକ ନେତା ବିଜୟ କୁମାର ସାହୁ, ରାଜ୍ୟ ଇ.ପି.ଏଫ.ପେନସନ ସଂଘ ପ୍ରତିଷ୍ଠାତା



ସଭାପତି ରଞ୍ଜନ କୁମାର ଖୁଂଟିଆ, ଯୁଗ୍ମ ସଂପାଦକ ଶରତ କୁମାର ପାଣି, ଜିଲ୍ଲା ଉପସଭାପତି ସ୍ୱାଧିନ କେତନ ନାୟକ, ଯୁଗ୍ମ ସଂପାଦକ ସୁବାଷ ସ୍ୱାଇଁ, ସଭ୍ୟ ଗଣେଶ ପ୍ରସାଦ ଦାସ, ମିହିର ପ୍ରସାଦ ଜେନା, ରାହାସ ବିହାରୀ ଜେନା, ନିର୍ମଳ କୁମାର ରାୟ,ମହେଶ୍ୱର ସାମଲ, ପରମାନନ୍ଦ ଖିଲାର,ନାଥ ପରଡି, ଭରତ ଚନ୍ଦ୍ର ଜେନା, ବିଜୟ ଗିରି, କଳ୍ପତରୁ ରାଉତ, ଆଶିଷ କୁମାର ଦାସ, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟା କାଂଚନବାଳା ଦାସ ଓ ମାନଗୋବିନ୍ଦ ସେଠୀ, ଧାନମଣ୍ଡଳ ପ୍ରାକ୍ତନ ସରପଂଚ ରବୀନ୍ଦ୍ର କୁମାର ନାୟକ, ସମାଜସେବୀ ଅଭିମନ୍ୟୁ ଧଳ, ଆର୍ତ୍ତତ୍ରାଣ ମିଶ୍ର, ଛାତ୍ର ନେତା ପ୍ରଦୀପ କୁମାର ଧଳ, ବୈକୁଣ୍ଠ ଚରଣ ସାହୁ, ନିହାର ରଞ୍ଜନ ରାଉତ, ମହେନ୍ଦ୍ର କୁମାର ପୃଷ୍ଟି,ହିମାଁଶୁ ପାଢି, ମହେନ୍ଦେ ଶାନ୍ତି, ଆଇନଜୀବୀ ଶରତ କୁମାର ଷଡଙ୍ଗୀ, ଦେବରାଜ ବେହେରା, ଉଦୟନାଥ ସାହୁ, ଅବିନାଶ ବଳ, ଜ୍ୟୋତିଶଙ୍କର ମହାପାତ୍ର ଓ ରାକେଶ କୁମାର ନାୟକ, ଆଗାମୀ ବଡଚଣା ଅଧ୍ୟକ୍ଷ ଅମ୍ବୁଜ କୁମାର ରାଉତ ପ୍ରମୁଖ ଶୋକବ୍ୟକ୍ତ କରି ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ସ୍ୱର୍ଗତ ରାଉତରାୟଙ୍କ ପୁତ୍ର ଅଭିଷେକ ରାଉତରାୟ ପୁରୀ ସ୍ୱର୍ଗଦ୍ୱାରରେ ମୁଖାଗ୍ନି ଦେଇଥିଲେ ।

## ବିଶ୍ୱକଲ୍ୟାଣ ପାଇଁ ପ୍ରଥମ ଶ୍ରେଣୀରୁ ବିଦ୍ୟା ତତ୍ତ୍ୱମ୍ ପଦ୍ଧତି ଅନୁଯାୟୀ ଶିକ୍ଷା ପ୍ରଦାନ କରିବା ସମ୍ବନ୍ଧରେ

ନୂଆଦିଲ୍ଲୀ/ ଭୁବନେଶ୍ୱର/ କଟକ/ ଢେଙ୍କାନାଳ ,(ପି.ଏନ): ଆଡଭୋକେଟ୍ ଇଂ ଦେବାଶିଷ ହୋତାଙ୍କ କେସ୍ ଉପରେ ମାନ୍ୟବର ଓଡିଶା ହାଇକୋର୍ଟ ଆଜି ଶୁଣାଣୀ କରି ବିଶ୍ୱକଲ୍ୟାଣ ପାଇଁ ପ୍ରଥମ ଶ୍ରେଣୀରୁ ବିଦ୍ୟା ତତ୍ତ୍ୱମ୍ ପଦ୍ଧତି ଅନୁଯାୟୀ ଶିକ୍ଷା ପ୍ରଦାନ କରିବା ସମ୍ବନ୍ଧରେ ୩ ମାସ ମଧ୍ୟରେ ନିଷ୍ପତି ନେବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଠାରେ ସୂଚନା ଯୋଗ୍ୟ ଯେ, ଉତରପ୍ରଦେଶର ବାରବାଙ୍କି ଜିଲ୍ଲା ସିଦ୍ଧୋର୍ ସ୍ଥିତ ସଦାନନ୍ଦ ତତ୍ତ୍ୱଜ୍ଞାନ ପରିଷଦର ମହାତ୍ମା କମଳ, ମହାତ୍ମା ଦିଲ୍ଲେଶ୍ୱରାନନ୍ଦ, ମହାତ୍ମା ଆବିଦ୍ ଆଲମ୍ ଖାନ୍ , ମହାତ୍ମା ଦଶରଥ, ମହାତ୍ମା ଶିବାନନ୍ଦ, ମହାତ୍ମା ମହେନ୍ଦ୍ରାନନ୍ଦ, ମହାତ୍ମା ସେବାନନ୍ଦ, ମହାତ୍ମା ସୁଦର୍ଶନ, ନେପାଳ ପଟେଲ୍. କପିଳ ଶର୍ମା ପ୍ରମୁଖ ବିଶ୍ୱର କଲ୍ୟାଣ ପାଇଁ ପ୍ରଥମ ଶ୍ରେଣୀରୁ ବିଦ୍ୟା ତତ୍ତ୍ୱମ୍ ପଦ୍ଧତି ଅନୁଯାୟୀ ଶିକ୍ଷା ପ୍ରଦାନର ନିହାତି ଆବଶ୍ୟକତା ରହିଛି ଏବଂ ବିଗତ ଦିନରେ ଏଥିପାଇଁ ଦିଲ୍ଲୀର ଜନ୍ତରମନ୍ତରରେ ପରିଷଦ ତରଫରୁ ଦୀର୍ଘ ୩ ମାସ ଧରି ଧାରଣା ଦିଆଯାଇଥିଲେ ମଧ ସରକାର ବିଦ୍ୟା ତତ୍ତ୍ୱମ୍ ପଦ୍ଧତିକୁ ନୂଆ ଶିକ୍ଷାନିତିରେ ସାମିଲ ନ କରାଇବା ଅତ୍ୟନ୍ତ ଦୁଃଖର ବିଷୟ ବୋଲି ଇଂ ହୋତାଙ୍କୁ ଜଣାଇଥିଲେ।

## କଂଗ୍ରେସ ସେବାଦଳ ପକ୍ଷରୁ ବଳରାମ ସିଂ ଭାଦୁରିଆଙ୍କୁ ଗାନ୍ଧୀ ଗୌରବ ସମ୍ମାନ ପ୍ରଦାନ କରାଯିବ

ଭୁବନେଶ୍ୱର ,(ପି.ଏନ): ଓଡ଼ିଶା ପ୍ରଦେଶ କଂଗ୍ରେସ ସେବାଦଳ ପକ୍ଷରୁ ପୂର୍ବବର୍ଷ ମାନଙ୍କ ପରି ଓଡ଼ିଶାର ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଦୋଳ ଗୋବିନ୍ଦ ପ୍ରଧାନଙ୍କ ସ୍ମୃତିରେ, ଭାରତବର୍ଷରେ କଂଗ୍ରେସ ସେବାଦଳ ଓ ଗାନ୍ଧୀ ବିଚାରଧାରାର ପ୍ରଚାର ପ୍ରସାର କରୁଥିବା ବିଶିଷ୍ଟ ସମାଜସେବୀ ଶ୍ରୀ ବଳରାମ ସିଂ ଭାଦୁରିଆଙ୍କୁ ଚଳିତ ବର୍ଷର ଗାନ୍ଧୀ ଗୌରବ ସମ୍ମାନ-୨୦୨୩, ଆସନ୍ତା ତା. ୧୬.୦୯.୨୦୨୩ ରିଖ ଶନିବାର ପୂର୍ବାହ୍ନ ୧୦ ଘଂଟା ସମୟରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ କଂଗ୍ରେସ ଭବନଠାରେ, ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ଓ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀ କାହ୍ନୁ ଚରଣ ଲେଙ୍କା ପ୍ରଦାନ କରିବେ ବୋଲି ଏକ ପ୍ରେସ ବିଜ୍ଞପ୍ତିରେ ପ୍ରଦେଶ କଂଗ୍ରେସ ସେବାଦଳର ଅଧ୍ୟକ୍ଷ ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଜଣାଇଛନ୍ତି । ଡ. ଜ୍ଞାନେନ୍ଦ୍ର ଆହୁରି କହିଛନ୍ତି ଯେ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ କଂଗ୍ରେସ ସେବାଦଳର କାର୍ଯ୍ୟକ୍ରମକୁ ଆଗକୁ ନେଉଥିବା ୧୦୦ ଜଣ ସେବାଦଳ କର୍ମକର୍ତାଙ୍କୁ ଶ୍ରୀ ଲେଙ୍କା ପ୍ରମାଣପତ୍ର ସହ ସମ୍ମାନୀତ କରିବେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ଶ୍ରୀ ପଂଚାନନ କାନୁନଗୋ ସମ୍ମାନୀତ ଅତିଥି ଓ ପ୍ରଫେସର ଡ. ବୁଦ୍ଧଦେବ ମିଶ୍ର ମୁଖ୍ୟ ବକ୍ତାଭାବେ ଯୋଗଦେବେ ।

## ଯୁରିଆ ଠାରେ ବ୍ଲକ୍ ସ୍ତରୀୟ ଉଦ୍ୟାନ କୃଷି ସମ୍ପର୍କିତ କର୍ମଶାଳା

ଖପ୍ରାଖୋଲ,(ପିଏନ): ଖପ୍ରାଖୋଲ ବ୍ଲକ ଲୁହା ସିଂହା ପଞ୍ଚାୟତ ଯୁରିଆ ସୁଆର କୃଷି ଫାର୍ମ ପରିସରରେ ବ୍ଲକ୍ ସ୍ତରୀୟ ଉଦ୍ୟାନ କୃଷି ସମ୍ପର୍କିତ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଉଦ୍ୟାନ କୃଷି ବିଭାଗ ତରଫରୁ ଆୟୋଜିତ କର୍ମଶାଳା ରେ ଖପ୍ରାଖୋଲ ବ୍ଲକ୍ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜିନୀତା ବରୁଆ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ରୂପେ ବାଘମୁଣ୍ଡ ସରପଞ୍ଚ ଦେବାଶିଷ ସାହୁ, ସମ୍ମାନିତ ଅତିଥି ରୂପେ ଚଂଘରିଆ ସରପଞ୍ଚ ସୁଶୀଳ କୁମାର ଗୁରୁ, ବ୍ଲକ୍ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର, ଏଫ୍ ଇ ଏସ ମାଷ୍ଟର ଟ୍ରେନର ଅଭୟ ତ୍ରିପାଠୀ, ବେଲପଡ଼ା ସହକାରୀ ଉଦ୍ୟାନ କୃଷି ଅଧିକାରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ, ପାଟଣାଗଡ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଅବିନାଶ ଦାଶ, ମିଶନ ଶକ୍ତି



ବି ପି ସି ଲକ୍ଷ୍ମୀ ନାରାୟଣ ବିଶି, ପାମ ଅଏଲ ଲିମିଟେଡ ର ଶମ୍ଭୁ ପ୍ରସାଦ, ଲୁହା ସିଂହା ପ୍ରାଣୀ ଧନ ନିରୀକ୍ଷକ ଶ୍ରୀରାମ ସେଲେମା ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଉଦ୍ୟାନ କୃଷି ଉପରେ ଆଲୋଚନା ହୋଇଥିବା ବେଳେ ଚାଷୀଙ୍କ ପାଇଁ ସରକାରଙ୍କ ତରଫରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉଦ୍ୟାନ କୃଷି ଯୋଜନା ଉପରେ ଆଲୋକପାତ କରିବା ସହ ଯୋଜନା ର ଲାଭ ଉଠାଇ ଚାଷୀ ନିଜର ଆୟ ବୃଦ୍ଧି ସହ ଆତ୍ମ ନିର୍ଭର ଶିଳ ହେବାକୁ ଆହ୍ୱାନ ଦେଇଥିଲେ । ଅତିଥିଙ୍କ ଠାରୁ ଚାଷୀ ମାନେ ବିଭିନ୍ନ ଯୋଜନା ସମ୍ପର୍କରେ ପଚାରି ବୁଝିଥିଲେ । ଏହି ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ଆଗୁଆ ଚାଷୀ କନ୍ଦର୍ପ ସୁଆର,ଶେଷଦେବ ମାଝୀ, ଲଖେଶ୍ୱର ବରିହା, ପାଣ୍ଡବ ବରିହା, ବିକାଶ ମେହେର ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ । ଶେଷରେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ବରୁଆ ଧନ୍ୟବାଦ ଅର୍ପଣ କରିଥିଲେ ।

## ୭୦ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ

ମାଲକାନଗିରି ,(ପି.ଏନ): ଅଟୋରେ ଗଞ୍ଜେଇ ଚୋରାଚାଲାଣ କରୁଥିବା ବେଳେ ଜଣେ ବ୍ୟକ୍ତି ଗିରଫ ହୋଇଥିବା ଜଣାପଡିଛି ।ମାଲକାନଗିରି ଅବକାରୀ ଅଧିକ୍ଷକ ବିମ୍ବାଧର ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଆଜି ମାଲକାନଗିରି ଭ୍ରାମ୍ୟମାଣ ଅବକାରୀ ଦଳ ପକ୍ଷରୁ ସକାଳ ୮ ଘଟିକା ସମୟରେ ବାଲିମେଳା ଅଞ୍ଚଳରେ ପେଟ୍ରୋଲିଂ କରୁଥିଲେ । ଏହି ସମୟରେ ଏକ ଅଟୋ ଦ୍ରୁତ ଗତିରେ ଯାଉଥିବା ସନ୍ଦେହ କରି ଅବକାରୀ କର୍ମଚାରୀମାନେ ଚଢାଉ କରିଥିଲେ ।ପ୍ରଥମେ ବ୍ୟକ୍ତି ଜଣକ ଅଟୋକୁ ରାସ୍ତାରେ ଛାଡ଼ି ଚମ୍ପଟ ମାରି ପଳାଇବା ପାଇଁ ଉଦ୍ୟମ କରିଥିଲା । ପରେ ଅବକାରୀ କର୍ମଚାରୀମାନେ ଅଟୋକୁ ଜବତ କରିଥିଲେ । ଏହି ସୁଯୋଗରେ ଜଙ୍ଗଲ ଭିତରେ ଅଟୋ ଡ୍ରାଇଭର ଆତ୍ମଗୋପନ କରିଥିଲା ବେଳେ ଦୀର୍ଘ ସମୟ ଜଙ୍ଗଲ ଭିତରେ ଖୋଜାଖୋଜି ପରେ ଅଭିଯୁକ୍ତ ଅଟୋ ଡ୍ରାଇଭର ଙ୍କୁ କାବୁ କରିଥିଲେ ଅବକାରୀ କର୍ମଚାରୀମାନେ ସକ୍ଷମ ହୋଇଥିଲେ । ଅଟୋ ସିଟ ଭିତରୁ ୧୦ଟି ପ୍ୟାକେଟ ଗଞ୍ଜେଇ ଜବତ କରାଯାଇଥିଲା ।

## ବିଶ୍ୱକର୍ମା ପୂଜା ପାଇଁ ପାରାଦୀପରେ ଜୋରଦାର ପ୍ରସ୍ତୁତି : ପ୍ରବଳ ଜନସମାଗମ ସମ୍ଭାବନା

ପାରାଦୀପ,(ପି.ଏନ): ଆସନ୍ତା ସେପ୍ଟେମ୍ବର ୧୭ ତାରିଖରେ ହେବାକୁ ଥିବା ପାରାଦୀପ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଉତ୍ସବ ପାଇଁ ବିଭିନ୍ନ ପୂଜା ଅନଷ୍ଠାନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଜୋରଦାର ପ୍ରସ୍ତୁତି ଚାଲିଛି । ପୂଜାକୁ ଆଉ ମାତ୍ର ପା ଦିନ ବାକି ରହିଥିବା ବେଳେ ମୂର୍ତ୍ତି, ତୋରଣ ଓ ପୂଜା ମଣ୍ଡପରେ କରିଗର ମାନେ ସମୟ ପୂର୍ବରୁ ପ୍ରସ୍ତୁତି କାର୍ଯ୍ୟ ଶେଷ କରିବାକୁ ଲାଗି ପଡିଛନ୍ତି । ଆର୍ଥିକ ମାନ୍ଦାବସ୍ଥା ସତ୍ତ୍ୱେ ପାରାଦୀପର ଏହି ପ୍ରସିଦ୍ଧ ପୂଜା ମହୋତ୍ସବ ପରମ୍ପରାକୁ ଉଦ୍‌ଜୀବିତ ରଖିବା ପାଇଁ ଚଳିତ ପୂଜାରେ ଜୟଦେବ ସଦନ ଛକ ମୁଖ୍ୟ ପୂଜା ମଣ୍ଡପ ମେଲଣ ପଡିଆରେ ଭାରତୀୟ ବନ୍ଦର ମଜଦୁର ସଂଘ, ଡର ମାଲିକ ସଂଘ, ପାରାଦୀପ ବନ୍ଦର



ବିଦ୍ୟୁତ ବିଭାଗ, ଓଡିଶା ମତ୍ସ୍ୟ ଉତ୍ପାଦକ ସଂଘ, ପାରାଦୀପ ବନ୍ଦର ଜଳ ଯୋଗାଣ ବିଭାଗ, ଏଫସିଆଇ ୟୁନିଅନ, ଉତ୍କଳ ପୋର୍ଟ ଆଣ୍ଡ ଡକ ଶ୍ରମିକ ସଂଘ, ପାରାଦୀପ ପୋର୍ଟ ୱାର୍କର୍ସ ୟୁନିଅନ, ବଡପଡିଆ ଅଟୋ ମାଲିକ ସଂଘ ମାନଙ୍କ ପକ୍ଷରୁ ପୂଜା ଉତ୍ସବ ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି । ସେହିପରି ବିଭିନ୍ନ ଶିଳ୍ପ ପ୍ରତିଷ୍ଠାନ ଓ ଶ୍ରମିକ ସଂଘ ପରିସରରେ ବିଶ୍ୱକର୍ମା ପୂଜା ପାଇଁ ପ୍ରସ୍ତୁତି ଚାଲିଛି । କରୋନା ମହାମାରି କଟକଣା ପାଇଁ ଦୀର୍ଘ ବର୍ଷ ବନ୍ଦର ରହିଥିବା ଏହି ଉତ୍ସବ ଚଳିତ ବର୍ଷ ପାଳନ ହେଉଥିବାରୁ ସାଧାରଣରେ ଉତ୍ସାହ ଓ ଆଗ୍ରହ ଦେଖିବାକୁ ମିଳୁଛି । ଏବର୍ଷ ପୂଜାରେ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ, ପୌର ପ୍ରଶାସନ, ପାରାଦୀପ ବନ୍ଦର ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଜଣା ପଡିଛି । ସାତ ଦିନ ବ୍ୟାପି ଏହି ପୂଜା ମହୋତ୍ସବରେ ଶାନ୍ତି ଶୃଙ୍ଖଳା ରକ୍ଷା ଓ ବିଭିନ୍ନ ସମ୍ଭାବ୍ୟ ସମସ୍ୟା ସମ୍ପର୍କରେ ପାରାଦୀପ ଆଦର୍ଶ ଥାନା ପରିସରରେ ମଙ୍ଗଳବାର ସଂନ୍ଧ୍ୟାରେ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ପୋଲିସ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସନ୍ତୋଷ କୁମାର ଜେନା, ଥାନାଧିକାରୀ ସୁଚିତ୍ର ବିର୍ଯ୍ୟ ଦାସଙ୍କ ସମେତ ବିଭିନ୍ନ ପୂଜା ଅନୁଷ୍ଠାନର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray